

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୩ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 AUGUST 2022

Vol.No. 35 ■ No. 202 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଚାଇନାର ଧମକ ସତ୍ତ୍ୱେ ତାଇୱାନରେ ଆମେରିକାର ନାନ୍ସି ପେଲୋସି



ୱାଶିଂଟନ, ୦୨/୦୮ : ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ଏବେ ଚରମ ସୀମାରେ ପହଞ୍ଚି ଯାଇଛି। ଚାଇନାର ଖୋଲା ଧମକ ସତ୍ତ୍ୱେ ତାଇୱାନରେ ପହଞ୍ଚିଛନ୍ତି ଆମେରିକାର ସଂସଦର ବାଚସ୍ପତି ନାନ୍ସି ପେଲୋସି। ଦୀର୍ଘ ୨୫ ବର୍ଷ ଭିତରେ ଆମେରିକାର କୌଣସି ନିର୍ବାଚିତ ଉଚ୍ଚ ପଦାଧିକାରୀ ତାଇୱାନ ଗସ୍ତ କରିଛନ୍ତି। ଆମେରିକା ସରକାରଙ୍କ ସ୍ୱତନ୍ତ୍ର ବିମାନରେ ନାନ୍ସି ଆଜି ତାଇୱାନ ବାୟୁସୀମାରେ ପ୍ରବେଶ କରିଥିଲେ। ଏହାପରେ ତାଇୱାନର ଯୁଦ୍ଧ ବିମାନ ତାଙ୍କୁ ସମସ୍ତଙ୍କ ପ୍ରକାରର ସୁରକ୍ଷା ଯୋଗାଇ ଦେଇଥିଲେ। ସୀମା ଅତିକ୍ରମ କରି ତାଇପେଇ ସହରର ଏୟାରପୋର୍ଟରେ ନାନ୍ସିଙ୍କ ବିମାନ ପହଞ୍ଚିବା ଯାଏ ତାଙ୍କୁ ଯୁଦ୍ଧ ବିମାନ ତାଙ୍କ ସହ ଉଡ଼ାଣ କରିଥିଲା। ସେହିପରି ଚାଇନା ଧମକ ଦେଇଥିବାରୁ ତାଇୱାନ ଆର୍ମି ନାନ୍ସିଙ୍କୁ ସ୍ଥଳ ଭାଗରେ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କରିଛି। ନାନ୍ସି ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ସ୍ୱତନ୍ତ୍ର ମିଟିଂ ସ୍ଥଳକୁ ନିଆଯାଇଛି। ଆସନ୍ତାକାଲି ସେ ତାଇୱାନର ରାଷ୍ଟ୍ରପତିଙ୍କୁ ଭେଟିବେ। ଚାଇନାର ବିପଦକୁ ଦୃଷ୍ଟିରେ ରଖି ଆମେରିକା ମଧ୍ୟ ତାଇୱାନର ପୂର୍ବ ଭାଗରେ ୪ଟି ଯୁଦ୍ଧ ଜାହାଜ ମୁତୟନ କରିଛି। ଏୟାକ୍ରାଫ୍ଟ ବ୍ୟାରିୟର ମଧ୍ୟ ଆମେରିକା ସେନା ତାଇୱାନ ସୀମାରେ ମହଜୁଦ କରି ରଖିଛି। ଚାଇନା ମଧ୍ୟ ପଛରେ ପଡ଼ିନି। ତାଇୱାନ ସୀମା ନିକଟରେ ବେଜିଂ ପକ୍ଷରୁ ଯୁଦ୍ଧ ଜାହାଜ ଉଡ଼ା ଯାଇଛି। ସେହିପରି ତାଇୱାନ ସୀମାକୁ ଲାଗି ରହିଥିବା ୬ଟି ରିଜନରେ ଚାଇନା ସେନା ଗୁରୁବାର ଠାରୁ ରବିବାର ଯାଏ ମିଲିଟାରୀ ଡ୍ରିଲ କରିବ ବୋଲି ମଧ୍ୟ ଘୋଷଣା କରିଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇ ଯାଇଛି। ତାଇୱାନକୁ ଚାଇନା ସବୁବେଳେ ନିଜର କହି ଆସୁଛି। ହେଲେ ଏହାକୁ ସେଠାକାର ଲୋକ ଗ୍ରହଣ କରୁ ନାହାନ୍ତି ଓ ଚାଇନା ବିରୋଧରେ ବିକ୍ଷୋଭ କରୁଛନ୍ତି। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ନାନ୍ସି ତାଙ୍କ ଏସିଆ ଟ୍ରିପ ଆରମ୍ଭ କରିଛନ୍ତି। ସେ ମାଲେସିୟାରେ ପହଞ୍ଚିବା ପରେ ସେଠାରୁ ଯାଇ ତାଇୱାନରେ ପହଞ୍ଚିଛନ୍ତି। ନାନ୍ସିଙ୍କ ପହଞ୍ଚିବା ପୂର୍ବରୁ ଚାଇନା ଧମକ ଦେଇଥିଲା। ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ହୁଆ ଚୁନୟିଙ୍ଗ କହିଥିଲେ ଯେ, "ଚାଇନାର ସାର୍ବଭୌମତ୍ୱ ସୁରକ୍ଷା ସ୍ୱାର୍ଥକୁ ଯଦି ଆମେରିକା ଅଣଦେଖା କରିବ, ତା'ହେଲେ ଏଥିପାଇଁ ଦେଶକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଯାହା ବି ଘଟଣା ଘଟିବ, ସେଥିପାଇଁ ଆମେରିକା ହିଁ ଦାୟୀ ରହିବ।" ସେହିପରି ନାନ୍ସ ପହଞ୍ଚିବା ପରେ ମଧ୍ୟ ଚାଇନା ଧମକ ଦେବାକୁ ପଛାଇ ନାହିଁ। ଚାଇନା ମୁଖପାତ୍ର ହୁଆ ଚୁନୟିଙ୍ଗ ଟ୍ୱିଟ କରିଛନ୍ତି, ଏହା କୌଣସି ପ୍ରକାରର ଅନସ୍ୱୀକୃତି ପ୍ରାପ୍ତ ଗସ୍ତ ନୁହେଁ। କାରଣ ଆମେରିକା ସଂସଦର ବାଚସ୍ପତି ତୃତୀୟ ସର୍ବୋଚ୍ଚ ପାହ୍ୟାର ଅଧିକାରୀ। ସେ ମିଲିଟାରୀ ବିମାନରେ ଆସି ଉତ୍ତେଜନା ସୃଷ୍ଟି କରିବା ଭଳି କାମ କରିଛନ୍ତି। କିଛି ବର୍ଷ ହେଲାଣି ଆମେରିକା ପ୍ରଶାସନ ୱାନ ଚାଇନା ନୀତିକୁ ଅଣଦେଖା କରି ଆସୁଛି। ତାଇୱାନ ସହ ଆମେରିକା ତା'ର ସମ୍ପର୍କ ବୃଦ୍ଧି କରିବାରେ ଲାଗିଛି ଓ ତାଇୱାନକୁ ଅସ୍ତ୍ରଶସ୍ତ୍ର ବିକ୍ରି କରୁଛି।

# କାଷ୍ଟିଂ କାଉଚ୍ ମାମଲାରେ ନିର୍ଦ୍ଦୋଷରେ ଖଲାସ ହେଲେ ପପୁ ପମପମ୍



ଭୁବନେଶ୍ୱର,୦୨/୦୮ (ନି.ପ୍ର): ନାବାଳିକାଙ୍କୁ କାଷ୍ଟିଂ କାଉଚ୍ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ଓଲିଉଡର ହାସ୍ୟାଭିନେତା ପପୁ ପମ୍‌ପମ୍ ବା ତତ୍ୱ ପ୍ରକାଶ ଶତପଥୀ।୬ ବର୍ଷ ତଳୁ ଭୁବନେଶ୍ୱରର ଜଣେ ନାବାଳିକା ପପୁଙ୍କ ବିରୋଧରେ ଅଭିନୟ କରିବା ଆଳରେ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଥିଲେ। ପପୁ ଙ୍କ ସହ ତାଙ୍କ ସହଯୋଗୀ ଗିଟୁ ମଧ୍ୟ ଏହି ମାମଲରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଏନେଇ ପପୁ ପମ୍‌ପମ୍ କହିଛନ୍ତି, ନ୍ୟାୟ ବ୍ୟବସ୍ଥା ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା। ପ୍ରାୟ ୪୩ ଦିନ ଜେଲ୍ ରେ ରହିଲା ପରେ ହାଇକୋର୍ଟରୁ ବେଲ୍ ରେ ବାହାରିଲି। ଅକାରଣରେ ବହୁ କଷ୍ଟ, ନିର୍ଯାତନା ପାଇଥିଲି। ସୋଶାଲ ମିଡିଆରେ ଏହାକୁ ନେଇ ମୋତେ ଖୁବ୍ ଟ୍ରୋଲ କରାଗଲା। ହେଲେ ଶେଷରେ ନ୍ୟାୟର ବିଜୟ ହୋଇଛି। ହେଲେ ଏହାଦ୍ୱାରା ମୋ ଫିଲ୍ମ କ୍ୟାରିଅର ଓ ରାଜନୈତିକ କ୍ୟାରିଅର ଖୁବ୍ ମାତ୍ରାରେ ପ୍ରଭାବିତ ହୋଇଛି। ପୀଡ଼ିତା ଜଣକ ଏଫଆଇଆର ଦେଇ ନ ଥିବା କହିଥିଲେ। କେବଳ ସାଧା କାଗଜରେ ଦସ୍ତଖତ ନେଇଥିବା କହିଥିଲେ। ତେଣୁ କିଏ ଏହା ପଛରେ ଅଛି ତାହାର ତଦନ୍ତ ହେବା ଆବଶ୍ୟକ। ଆସନ୍ତା କିଛି ଦିନ ଭିତରେ ଆଗାମୀ ପଦକ୍ଷେପ ସମ୍ପର୍କରେ ସ୍ଥିର କରିବି। ନିର୍ଦ୍ଦୋଷରେ ଖଲାସ ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ପପୁ କହିଛନ୍ତି ଯେ ମୋ ବିରୋଧରେ ଅଭିଯୋଗ ମିଛ ଥିଲ। ପୋଲିସ ପ୍ରେସରରେ ଗିରଫ କରିଥିଲା। ଥାନାରେ ଏତଲା ପରେ ▶▶ପୃଷ୍ଠା ୭

# ନ୍ୟାସନାଲ ହେରାଲ୍ଡ ଅଫିସରେ ପଶିଲା ଇଡି



ନୂଆଦିଲ୍ଲୀ, ୦୨/୦୮ : ନ୍ୟାସନାଲ ହେରାଲ୍ଡ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ରେଡ୍। ମନି ଲଣ୍ଡରିଂ ମାମଲାରେ ଇଡି ଏହି ନ୍ୟୁଜ୍ ପେର୍ ଅଫିସ ସମେତ ଦିଲ୍ଲୀ ଓ କୋଲକାତାର ୧୨ଟି ସ୍ଥାନରେ ଚଢ଼ାଉ କରିଛି। ଇଡି ନ୍ୟାସନାଲ ହେରାଲ୍ଡ ଏବଂ ଏଥିସହ ସଂପୃକ୍ତ କମ୍ପାନୀଗୁଡିକର ଆକାଉଣ୍ଟକୁ ଯାଞ୍ଚ କରୁଛି। କୁହାଯାଉଛି ଯେ ଇଡି ରେଡ୍ କରିବା ବେଳେ ନ୍ୟାସନାଲ ହେରାଲ୍ଡ କାର୍ଯ୍ୟାଳୟରେ ସୁରକ୍ଷାକର୍ମୀଙ୍କ ବ୍ୟତୀତ ଅନ୍ୟ କେହି ଉପସ୍ଥିତ ନାହାଁନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ଉତ୍ତର ରେଡ୍ଡୀ ଇଡିର ଏହି ଚୂଢ଼ାଉକୁ ନେଇ କହିଛନ୍ତି ଏହା ଆଶ୍ଚର୍ଯ୍ୟଜନକ। ଏହା ରାଜନୈତିକ ପ୍ରତିଶୋଧ ଛଡା ଆଉ କିଛି ନୁହେଁ। ନିକଟରେ ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧିଙ୍କୁ ପଚରାଉଚରା କରିଥିଲା। ଇଡି ସୋନିଆଙ୍କୁ ପ୍ରାୟ ୧୦୦ରୁ ଅଧିକ ପ୍ରଶ୍ନ କରିଥିଲେ। କେବଳ ଏତିକି ନୁହେଁ, ପୂର୍ବରୁ ରାହୁଲ ଗାନ୍ଧିଙ୍କୁ ମଧ ଏହି ପ୍ରସଙ୍ଗରେ ଇଡି ପାଞ୍ଚ ଦିନ ଯାଏ ଘାଣ୍ଟିଥିଲା। ପାଖାପାଖି ତାଙ୍କୁ ୧୫୦ରୁ ଅଧିକ ପ୍ରଶ୍ନ କରାଯାଇଥିଲା। ଏହି ସମୟରେ ଇଡିଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ସାରା ଦେଶରେ ସତ୍ୟଗ୍ରାହ କରିଥିଲା। ଏହି ସମୟରେ ଅନେକ କଂଗ୍ରେସ ନେତାଙ୍କୁ ପୁଲିସ ଉଠାଇ ନେଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ପ୍ରତିଷ୍ଠିତ ନ୍ୟାସନାଲ ହେରାଲ୍ଡ ଖବରକାଗଜ ଚଳାଉଥିବା ୟଙ୍ଗ ଇଣ୍ଡିଆର ଆସୋସିଏଟେଡ୍ ଜର୍ଣ୍ଣାଲ୍ ଲିମିଟେଡ୍ ଅଧିଗ୍ରହଣ ସହ ଜଡିତ ଥିବା "ନ୍ୟାସନାଲ ହେରାଲ୍ଡ ମାମଲା" ରେ ଗାନ୍ଧୀ ପରିବାରକୁ ପ୍ରଶ୍ନ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କହିଛି ଯେ ୟଙ୍ଗ ଇଣ୍ଡିଆନର ସମ୍ପତ୍ତିରେ ୮୦୦ କୋଟିରୁ ଅଧିକ ଟଙ୍କାର ହେର୍‌ଫର୍ କରିଛି। ଆୟକର ବିଭାଗର ସୂଚନାନୁସାରେ, ୟଙ୍ଗ ଇଣ୍ଡିଆର ଶେଆର ହୋଲ୍ଡର ଭାବେ ଏଥିରେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧି ଜଡିତ ଅଛନ୍ତି, ଯେଉଁଥିପାଇଁ ସେମାନେ ଟିକସ ଦେବେ।

## ବଦଳିଲେ ବୌଦ୍ଧ ଓ ଦେବଗଡ ଏସପି



ଭୁବନେଶ୍ୱର,୦୨/୦୮ (ନି.ପ୍ର): ଆଇପିଏସ୍ ଓ ଓପିଏସ୍ ସ୍ତରରେ ଅଦଳବଦଳ ହୋଇଛି। ପ୍ରହ୍ଲାଦ ସହାଇ ମୀନାଙ୍କୁ ବୌଦ୍ଧର ନୂଆ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। କ୍ରାଇମ୍ ଡିସିପି ପ୍ରମୋଦ ରଥଙ୍କୁ ଦେବଗଡ଼ ଏସ୍‌ପି ଭାବେ ଦାୟିତ୍ୱ ମିଳିଛି। ସେହିପରି ଚିତ ରଞ୍ଜନ ସାମନ୍ତ କମ୍ପ୍ୟୁଟର ଏସ୍‌ପି (ଭୁବନେଶ୍ୱର) ଭାବେ ନିଯୁକ୍ତି ପାଇଛନ୍ତି। ପଦୋନ୍ନତି ମିଳିବା ପରେ ସୁଦାମ ସାହୁ କଟକ-ଭୁବନେଶ୍ୱର କ୍ରାଇମ ଡିସିପି ଭାବେ ନିଯୁକ୍ତ ହୋଇଛନ୍ତି। ସୟଦ ମୁଜିବୁର ରେହମାନଙ୍କୁ ସିଗନାଲ ଏସ୍‌ପି ଦାୟିତ୍ୱ ମିଳିଛି। ଏହା ବ୍ୟତୀତ କିଶୋର କୁମାର ପାଣିଗ୍ରାହୀ ଏସ୍‌ଟିଏଫ୍ ଏସ୍‌ପି ଏବଂ ଜ୍ଞାନରଂଜନ ମହାପାତ୍ର ସ୍ପେଶାଲ ବ୍ରାଂଚ ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି।

# ଡ୍ରୋନ୍ ଆକ୍ରମଣରେ ଅଲ୍-କାଏଦାର ମୁଖ୍ୟ ଅଲ୍-ଜୱାହିରି ମୃତ



ନୂଆଦିଲ୍ଲୀ, ୦୨/୦୮ : ସେପ୍ଟେମ୍ବର ୧୧, ୨୦୦୧। ଆମେରିକା ଉପରେ ଆକ୍ରମଣ କରିଥିଲା କୁଖ୍ୟାତ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା। ଆଉ ଏହି ଆକ୍ରମଣରେ ପାଖାପାଖି ୩ ହଜାର ଲୋକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣ ପଛରେ ଅନ୍ୟତମ ପ୍ରମୁଖ ଖଳନାୟକ ଥିଲା ଅଲ ଜୱାହିରି। ଅଲ କାଏଦାର ପ୍ରମୁଖ ଓସାମା ବିନ୍ ଲାଡେନକୁ ଆମେରିକା ନିପାତ କରିବା ପରେ ଟାର୍ଗେଟରେ ଥିଲା ଜୱାହିରି। ଯାହାକୁ ଆମେରିକା ଏୟାର ଷ୍ଟ୍ରାଇକ ଯୋଗେ ନିପାତ କରିଛି। ଏହା ପୂର୍ବରୁ ଜୱାହିରି ବାବଦରେ ସୂଚନା ଦେଲେ ୨୫ ମିଲିୟନ ଡଲାର ପୁରସ୍କାର ରାଶି ଘୋଷଣା କରିଥିଲା ଆମେରିକା। ରାଷ୍ଟ୍ରପତି ଜୋ ବାଇଡେନ୍ ଟ୍ୱିଟ୍ କରି ଏପରି ଏନକାଉଣ୍ଟରକୁ 'ନ୍ୟାୟ' ବୋଲି ଉଲ୍ଲେଖ କରିଛନ୍ତି। ଶନିବାର ତାଙ୍କ ନିର୍ଦ୍ଦେଶରେ ଆଫଗାନିସ୍ତାନର କାବୁଲରେ ଆମେରିକା ସଫଳତାର ସହ ଏୟାରଷ୍ଟ୍ରାଇକ୍ କରି ଅଲକାଏଦା ନେତା ଆୟମାନ ଅଲ ଜୱାହିରିକୁ ନିପାତ କରିଛି। ଉଚିତ ନ୍ୟାୟ ହୋଇଛି ବୋଲି ବାଇଡେନ୍ କହିଛନ୍ତି। ଯେଉଁମାନେ ଦେଶର କ୍ଷତି କରିବାକୁ ଚାହୁଁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକା ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଏପରି କହି ଆମେରିକାକୁ ▶▶ପୃଷ୍ଠା ୭

## ହସ୍ପିଟାଲରେ ପାର୍ଥ ଚାଟାର୍ଜୀ ଉପରେ ମହିଳା ଫୋପାଡ଼ିଲେ ଚପଲ

କୋଲକାତା,୦୨/୦୮ (ନି.ପ୍ର): ଶିକ୍ଷକ ନିଯୁକ୍ତି ଭ୍ରଷ୍ଟାଚାର ମାମଲାରେ ଗିରଫ ପୂର୍ବ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଉପରେ ସ୍ଥାନୀୟ ଇଏସ୍‌ଆଇ ଜୋକା ହସ୍ପିଟାଲରେ ଜଣେ ମହିଳା ଚପଲ ଫୋପାଡ଼ିବା ମାମଲା ଆଗକୁ ଆସିଛି। ମଙ୍ଗଳବାର ଦିନ ପାର୍ଥଙ୍କୁ ସ୍ୱାସ୍ଥ୍ୟାବସ୍ଥା ଯାଂଚ ପାଇଁ ଜୋକା ହସ୍ପିଟାଲ ଅଣାଯାଇଥିଲା। ଏହି ସମୟରେ ଜଣେ ମହିଳା ପାର୍ଥଙ୍କ ଉପରେ ଚପଲ ଫୋପାଡ଼ିଥିଲେ କିନ୍ତୁ ସେ ପର୍ଯ୍ୟନ୍ତ ସେ ଗାଡ଼ିରେ ବସିଥିଲେ। ମହିଳା ଜଣକ ଗୋଟିଏ ପରେ ଗୋଟିଏ ଦୁଇ ପାଦରୁ ଚପଲ ବାହାର କରି ଫୋପାଡ଼ିଥିଲେ କିନ୍ତୁ ଦୁଇ ଚପଲ ଗାଡ଼ିରେ ଲାଗିବା ପରେ ତଳକୁ ପଡ଼ି ଯାଇଥିଲା। ମହିଳାଙ୍କ ପରିଚୟ ଶୁଭ୍ରା ଘୋରାଇ। ସେ ମୂଳ ରୂପରେ ଉତର ୨୪ ପ୍ରଗଣାର ଆମତଲାର ବୋଲି ଜଣାପଡ଼ିଛି। ମହିଳା କହିଛନ୍ତି ଯେ, ତାଙ୍କ ପାଖରେ କୋଟି କୋଟି ଟଙ୍କା ଅଛି। କଲିକତାରେ କେତେକ ଜାଗାରେ ଫ୍ଲାଟ କିଣିଛନ୍ତି। ବଡ଼ଗାଡ଼ିରେ ହସ୍ପିଟାଲ ଆସୁଛି। ତାଙ୍କଲାଗି ଡାକ୍ତର ଆମକୁ ଠିକ୍ ସମୟରେ ଦେଖିପାରୁ ନାହାନ୍ତି। ଏଥିପାଇଁ ମୁଁ ଚପଲ ଫୋପାଡ଼ିଲି। ଯଦି ଚପଲ ତାଙ୍କ ମୁଣ୍ଡରେ ଲାଗିଥାନ୍ତା ତେବେ ମୋତେ ଶାନ୍ତି ମିଳିଥାନ୍ତା।

# ଲାଞ୍ଚ ନେଇ ଧରାପଡିଲେ ଆର.ଆଇ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ମାନବିକତା ହରାଇଲେ ରାଜସ୍ୱ ନୀରିକ୍ଷକ। ସାଢେ ତିନି ବର୍ଷ ଶିଶୁର ମୃତ୍ୟୁ ପ୍ରମାଣପତ୍ର ଦେବାକୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଆରଆଇ। ବାଲେଶ୍ୱର ସଦର ବ୍ଲକ ବଇଁଚା ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ଡଲି ସେଠି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଅଭିଯୋଗ ଅନୁସାରେ ଗତ ଏପ୍ରିଲ ୧୨ତାରିଖରେ ନିଶ୍ଚିନ୍ତ ଗାଁର ଦୀନବନ୍ଧୁ ବେହେରାଙ୍କ ସାଢେ ୩ ବର୍ଷ ପୁଅ ପୋଖରୀରେ ବୁଡି ପ୍ରାଣ ହରାଇଥିଲେ। ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଥିଲା। ଏନେଇ ବଇଁଚା ରାଜସ୍ୱନୀରିକ୍ଷକଙ୍କ କାର୍ଯ୍ୟାଳୟରେ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ଆବେଦନ କରିଥିଲେ ମୃତ ଶିଶୁର ବାପା ଦୀନବନ୍ଧୁ। ▶▶ପୃଷ୍ଠା ୭

# କରୋନା ପରି ମଙ୍କିଂପକ୍ସର ମଧ୍ୟ ଭ୍ୟାକ୍ସିନ ଦେଶରେ ତିଆରି ହେବ : କେନ୍ଦ୍ର




ନୂଆଦିଲ୍ଲୀ, ୦୨/୦୮ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମନସୁଖ ମଣ୍ଡାବିୟା ମଙ୍ଗଳବାର ଦିନ ରାଜ୍ୟସଭାରେ କହିଛନ୍ତି ଯେ କରୋନା ଭଳି ମଙ୍କିପକ୍ସର ମଧ ଭ୍ୟାକ୍ସିନ୍ ଦେଶରେ ହେବ। ଏଥିପାଇଁ ଚେଷ୍ଟା ଜାରି ରହିଛି। ଡା. ମଣ୍ଡାବିୟା ରାଜ୍ୟସଭାରେ ମଂକିପକ୍ସର ଭ୍ୟାକ୍ସିନ ସହିତ ଯୋଡ଼ିଥିବା ପ୍ରଶ୍ନରେ କହିଛନ୍ତି ଯେ ମଂକିପକ୍ସ ଭାରତ ଏବଂ ବିଶ୍ୱରେ କୌଣସି ନୂଆ ରୋଗ ନୁହେଁ। ୧୯୭୦ରୁ ଆଫ୍ରିକାରୁ ବିଶ୍ୱର କେତେକ ଦେଶରେ ପହଂଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଉପରେ ବିଶେଷ ଧ୍ୟାନ ଦେଇଛି। ଭାରତରେ ମଧ ଏହାଉପରେ ନିରୀକ୍ଷଣ ଆରମ୍ଭ ହୋଇଛି। କେରଳରେ ମଂକିପକ୍ସ ମାମଲା ଆସିଥିଲା ତେବେ କେନ୍ଦ୍ର ସରକାର ସେଠାରେ ବିଶେଷଜ୍ଞର ଟୀମ ପଠାଇଥିଲା। ରାଜ୍ୟ ସରକାରଙ୍କ ମଧ୍ୟ ପୂର୍ଣ୍ଣ ଚେଷ୍ଟା କରାଯାଉଛି। ଏହାସହିତ ଟାସ୍କ ଫୋର୍ସର ମଧ ଗଠନ କରାଯାଇଛି।

# ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୦୨/୦୮ (ନି.ପ୍ର): ରାଜ୍ୟ ଉପର ଦେଇ ଯାଇଥିବା ମୌସୁମୀ ଟ୍ରଫ୍ ଲାଇନ୍ ବର୍ତମାନ ଦୁର୍ବଳ ସ୍ଥିତିରେ ରହିଛି। ସେଥିପାଇଁ ରାଜ୍ୟରେ ମୌସୁମୀ ବର୍ଷାର ସମ୍ଭାବନା ନାହିଁ। ତବେ, ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ଜିଲ୍ଲାଗୁଡ଼ିକରେ କିଛି ସ୍ଥାନରେ ହାଲୁକାରୁ ମଧମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, କଟକ ଓ ଢ଼େଙ୍କାନାଳ ପ୍ରଭୃତି ୧୮ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହି ୧୮ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୩ ରୁ ୪ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି,ଗଜପତି, ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଅକ୍ଟୋବର ସୁଦ୍ଧା ଦେଶରେ ଉପଲବ୍ଧ ହେବ ୫ ଜି ସେବା




ନୂଆଦିଲ୍ଲୀ , ୦୨ ଅଗଷ୍ଟ (ହି.ସ.) - ଦେଶରେ ଦୂରସଞ୍ଚାର କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ଦୂରସଞ୍ଚାର ଉଦ୍ୟୋଗ ଜଗତର ବିପୁଳ ସମର୍ଥନ ମିଳିଛି। ନିକଟରେ ୫ ଜି ସ୍ପେକ୍ଟ୍ରମ ନିଲାମୀରୁ ଏହା ସ୍ପଷ୍ଟ ହୋଇଛି। ଭାରତ ସରକାର ୭୨,୦୯୮ ମେଗାହର୍ଜ ସ୍ପେକ୍ଟ୍ରମ ନିଲାମୀ ପାଇଁ ଜାରି କରିଥିଲେ, ଏଥିମଧ୍ୟରୁ ୫୧,୨୩୬ ମେଗାହର୍ଜ (ମୋଟ୍ ସ୍ପେକ୍ଟ୍ରମର ୭୧%) ସ୍ପେକ୍ଟ୍ରମ ୧,୫୦,୧୭୩ କୋଟି ଟଙ୍କାରେ ବିକ୍ରି ହୋଇଛି। ମେସର୍ସ ଆଦାନୀ ଡାଟା ନେଟୱର୍କସ୍ ଲିମିଟେଡ ୨୬ ଗିଗାହର୍ଜ ଏମଏମ ୱେଭ ବ୍ୟାଣ୍ଡରେ ୪୦୦ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି। ମେସର୍ସ ଭାରତୀ ଏୟାରଟେଲ ଲିମିଟେଡ ୯୦୦, ୧୮୦୦, ୨୧୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ୧୯,୮୬୭.୮ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି। ମେସର୍ସ ରିଲାଏନ୍ସ ଜିଓ ଇନଫୋକମ୍ ଲିଃ ୭୦୦, ୮୦୦, ୧୮୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ମୋଟ୍ ୨୪,୭୪୦ ମେଗାହର୍ଜ ସ୍ପେକ୍ଟ୍ରମ ପାଇଛି। ମେସର୍ସ ଭୋଡାଫୋନ ଆଇଡିଆ ଲିଃ ୧୮୦୦, ୨୧୦୦, ୨୫୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜରେ ମୋଟ୍ ୬,୨୨୮ ମେଗାହର୍ଜ ସ୍ପେକ୍ଟ୍ରମ କ୍ରୟ କରିଥିବା ସୂଚନା ମିଳିଛି। ମୋଟ୍ ବିଡ୍ ବା ନିଲାମୀରୁ ୧,୫୦,୧୭୩ କୋଟି ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ଏଥିରେ ଆଦାନୀ ଡାଟା ନେଟୱର୍କର ୨୧୨ କୋଟି ଟଙ୍କା, ଭାରତୀ ▶▶ପୃଷ୍ଠା ୭

# ଅସ୍ତିତ୍ୱ ହରାଉଛି ଅଂଶୁପା ; କଶ୍ମୀରର ଡାଲ୍ ପରେ ଦେଶର ଦ୍ୱିତୀୟ ମଧୁରଜଳ ହ୍ରଦ



କଟକ ,୨/୦୮ (ନି.ପ୍ର): କାଶ୍ମୀରର ଡାଲ୍ ହ୍ରଦ୍ ପରେ ଅଂଶୁପା ଦେଶର ଦ୍ୱିତୀୟ ବୃହତ୍ ମଧୁରଜଳ ହ୍ରଦ ଭାବେ ମାନ୍ୟତା ରହିଛି । କିନ୍ତୁ, ପର୍ଯ୍ୟଟକଙ୍କ ଆକର୍ଷଣ ଥିବା ଏହି ହ୍ରଦ ଏବେ ତା ଅସ୍ତିତ୍ୱ ହରାଇବାକୁ ବସିଲାଣି । ବିକାଶ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ବି ହ୍ରଦର ୧୦୦ଏକର ଅଞ୍ଚଳ ଜବରଦଖଲକୁ ଚାଲିଗଲାଣି । ନାଗା ବା ରାଜଦଳ ସଫେଇ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ବି ଦଳ ମାଡ଼ି ହ୍ରଦ ସଙ୍କୁଚିତ ହେବା ସହିତ ସୌନ୍ଦର୍ଯ୍ୟ ହ୍ରାସ ପାଇ ଚାଲିଛି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ହାତରେ ଅଂଶୁପାର ବିକାଶ ଯୋଜନା ରହିଛି ସିନା ବର୍ତ୍ତମାନ ସ୍ଥିତିରେ ଏହା ପର୍ଯ୍ୟଟନ ମାନଚିତ୍ରରୁ ହଜିଯିବା ଭଳି ଆଶଙ୍କା ସୃଷ୍ଟି ହେଲାଣି ।

କଟକ ଜିଲ୍ଲାର ବାଙ୍କୀ ବ୍ଲକ୍‌ରେ ଥିବା ଅଂଶୁପା ହ୍ରଦର 'କ୍ୟାଚ୍‌ମେଣ୍ଟ୍ ପରିଧି ପ୍ରାୟ ୫୨୩୧ ହେକ୍ଟର ଥିବାବେଳେ ଏହାର ଜଳଧାରଣ କ୍ଷମତା ପାଖାପାଖି ୧୪୨ ହେକ୍ଟର । ୧୮୨ ହେକ୍ଟର ଅଂଶୁପା ହ୍ରଦରୁ ୧୪୨ ହେକ୍ଟରରେ ପାଣି ଥିବାବେଳେ ବାକି ୧୦୦ ଏକର ଏବେ ଜବରଦଖଲରେ । 'କ୍ୟାଚ୍‌ମେଣ୍ଟ୍ ଏରିଆ' ମଧ୍ୟରେ ୨୮ଟି ଗ୍ରାମ ଅନ୍ତର୍ଭୁକ୍ତ । ଅଂଶୁପାର ପଶ୍ଚିମ ଦିଗରେ ସରଣ୍ଡା ପାହାଡ଼ ଓ ଉତ୍ତରପୂର୍ବ ଦିଗରେ ବିଷ୍ଣୁପୁର ପାହାଡ଼ ରହିଥିବା ବେଳେ, ଦୁଇଟି ନାଳ ଯଥା- ଦକ୍ଷିଣ ଦିଗରେ କାବୁଲା ନାଳ ଏବଂ ଦକ୍ଷିଣ ପଶ୍ଚିମରେ ହୁଲୁହୁଲା ନାଳ ମହାନଦୀ ସହିତ ସଂଯୁକ୍ତ । ମାତ୍ର ଧୀରେ ଧୀରେ ଏହା ଅବକ୍ଷୟମୁଖୀ ହେବା ସହ ମହାନଦୀରୁ ବିଚ୍ଛିନ୍ନ ହୋଇଯାଇଛି ।

କେବଳ ମହାନଦୀର ବନ୍ୟା ସମୟରେ ଏହି ନାଳ ଦ୍ୱାରା ଜଳପୂର୍ଣ୍ଣ ହୋଇଥାଏ ଅଂଶୁପା । ମାତ୍ର, ମହାନଦୀର ସ୍ୱାଭାବିକ ଜଳ ପ୍ରବାହରେ ବାଧା ଯୋଗୁ ଧୀରେଧୀରେ ଏହା ପୋତି ହୋଇଚାଲିଛି । ଏହାର ଜଳଧାରଣ କ୍ଷମତା ଆଶାତୀତ ଭାବେ ହ୍ରାସ ପାଇଛି । ପ୍ରତ୍ୟେକବର୍ଷ ଅଂଶୁପାକୁ ଦଳମୁକ୍ତ କରିବା ପାଇଁ ଯୋଜନା ହେଉଥିବାବେଳେ ଅଧାରେ କାମ ଅଟକି ଯାଉଥିବାରୁ ଏହା ଦଳମୁକ୍ତ ହେବା ବଦଳରେ ଦଳ ଅଧିକ ମାଡ଼ିଚାଲିଛି । ୨୦୦୫ରେ ଦଶମ ଅର୍ଥ କମିସନ ଅନୁଦାନରେ ୬କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ବୋଟିଂ ବ୍ୟବସ୍ଥା କରାଯାଇଥିଲା । ହ୍ରଦ ଭିତରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମତ୍ସ୍ୟ, ପାର୍କ ସହ ଅନେକ ଉନ୍ନୟନ କାମ କରାଯାଇଥିଲା । କିନ୍ତୁ, କିଛି ବର୍ଷ ପରେ ସବୁ ବନ୍ଦ ହୋଇଗଲା । ଏବେ ନାଁକୁ ମାତ୍ର ଚାଲିଛି ବୋଟିଂ । ଦଳ ଭିତରେ ଅଟକି ଯାଉଛି ବୋଟ୍ ।

ଅପରପକ୍ଷେ, ବର୍ତ୍ତମାନ ପୁଣି ଜିଲ୍ଲା ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ମୃତ୍ତିକା ସଂରକ୍ଷଣ ବିଭାଗ ମଧ୍ୟରେ ସମନ୍ୱୟରେ ଆରମ୍ଭ ହୋଇଛି ଅଂଶୁପାର ବିକାଶ । ଆରମ୍ଭ ହୋଇଛି ଦଳ ସଫେଇ ଅଂଶୁପାକୁ ଦଳମୁକ୍ତ କରିବା ସହ ବିଭିନ୍ନ ଉନ୍ନୟନ ପାଇଁ ପ୍ରତିବର୍ଷ ଅନୁଦାନ ଆସୁଛି । କିନ୍ତୁ କ'ଣ ଖର୍ଚ୍ଚ ହେଉଛି, କ'ଣ ବିକାଶ ହେଉଛି ତାହା ବୁଝାପଡୁନି । ବରଂ, ପ୍ରତିବର୍ଷ ଦଳରେ ଅଂଶୁପା ଭର୍ତ୍ତି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ସୂଚନା ଅନୁସାରେ, କେରଳରୁ ଏକ ଦଳ ସଫେଇ ମେସିନ୍ ଅଣାଯାଇ ଅଂଶୁପାରେ ଦଳ ସଫେଇ କରାଯାଉଥିଲା । ଏବେ ସେ ମେସିନ୍ ବି ଅଚଳ । ଯେତିକି ଦଳ କାଢ଼ିଥିଲେ, ତାର ୪ଗୁଣ ଭର୍ତ୍ତି ହୋଇଗଲାଣି । କେଉଁ କାରଣରୁ ଦଳ ବଢୁଛି ଓ କେଉଁ ପ୍ରକାର ଦଳ ରହିଛି, ତାହାକୁ ନେଇ ସର୍ଭେ କରାଯାଇଛି । ମାତ୍ର, କୌଣସି ନିଷ୍କର୍ଷ ବାହାରି ପାରୁନି ।

# ଖଲଣା ସୁନନ୍ଦ ଗୁଳିକାଣ୍ଡ ଘଟଣା ୨୦ ଦିନ ବିତିଲା : ଖତଗଦାରୁ ବନ୍ଧୁକ ଜବତ କଲା ପୋଲିସ

ଘସିପୁରା ,୨/୦୮ (ନି.ପ୍ର): ଖଲଣା ଗୁଳିକାଣ୍ଡ ଘଟଣା ରେ ସୁନାନ୍ଦ ସେଠୀହତ୍ୟାକୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ପୋଲିସ ମୁଖ୍ୟ ଅପରାଧି କୁ ଧରିବାରେ ବିଫଳ ହୋଇଛି । ତେବେ ପୋଲିସ୍ ସୋମବାର ଖତଗଦାରୁ ଏକବନ୍ଧୁକ ଜବତ କରିଥିବା ଜଣାପଡିଛି । ସୂଚନାରୁ ଜଣାଯାଏ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବହୁ ଚର୍ଚ୍ଚିତ ଖଲଣା ଗୁଳିକାଣ୍ଡ ଘଟଣାରେ ପୋଲିସ ୨୬ ଜୁଲାଇ ସୋମବାରଦିନ ୨ ଜଣକୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଛି । ମୃତ ସୁନନ୍ଦଙ୍କ ଭାଇ ମନ୍ମଥ ସେଠୀଙ୍କ ଏତଲାକୁ ଆଧାର କରି ପୋଲିସ ୧୨ ଜଣ ଅଭିଯୁକ୍ତଙ୍କ ନାଁ ଏତଲାରେ ଦର୍ଶାଇଥିବା ବେଳେ ପଞ୍ଚାୟତ ନିର୍ବାଚନରେ ଶାସକ ଗୋଷ୍ଠୀର ଦୁଇ ଗୋଷ୍ଠୀ ପରସ୍ପର ବିରୋଧରେ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ । ସେହି ଦିନଠାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା । ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଲଣା ଗ୍ରାମରେ ଗତ ୧୪ ତାରିଖ ଗୁରୁବାର ଦିନ ସୁନନ୍ଦ ସେଠୀ କୁଁ ଶାସକ ବିଜେଡି ଦଳର ସମର୍ଥକ ଶ୍ରୀ ଅକ୍ଷୟ କୁମାର ଘୋଷ ଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଓ ବଂଧୁକ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲୋ । ଏହି ଗୁଳିକାଣ୍ଡ ଘଟଣାରେ ୧୭ ତାରିଖ ରବିବାର ଦିନ ରାଜ୍ୟ ବିଜେପି ର ଏକ ପ୍ରତିନିଧି ଦଳ ଏବଂ ପୂର୍ବତନ ପିସିସି ନିରଞ୍ଜନ ପଟନାୟକ ଖଲଣା ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାର କୁ ସମବେଦନା ଜଣାଇବା ସହ ଗୁଳିକାଣ୍ଡରେ ସଂପୃକ୍ତ ସମସ୍ତ ଦୋଷି ମାନଙ୍କୁ ତୁରନ୍ତ ଗିରଫ କରିବାପାଇଁ ଦାବୀ କରିଥିଲେ । ପରେ ୧୯ ତାରିଖ ମଙ୍ଗଳବାର ବିଜେପି ର ଏକ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳର ବହୁ ନେତୃବୃନ୍ଦ ଖଲଣା ଗ୍ରାମ କୁ ଯାଇ ଗୁଳି କାଣ୍ଡ ରେ ମୃତ୍ୟୁ ବରଣ କରିଥିବା ସୁନନ୍ଦ ସେଠୀ ର ପରିବାର ସମେତ ଗ୍ରାମର ଲୋକ ମାନଙ୍କୁ ଭେଟି ଘଟଣାର ବିଷୟରେ ଆଲୋଚନା କରିଥିଲେ । ପରେ ଏହି ନିର୍ମମ ହତ୍ୟା କାଣ୍ଡ ସଂପର୍କରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଖାଲଣା ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ଥିବା ସହ ମୃତକ ପରିବାର କୁ ସରକାର ସହାୟତା ଯୋଗଇଦେବା ସହ ଏହି ଗୁଳିକାଣ୍ଡ ଘଟଣାରେ ସଂପୃକ୍ତ ସମସ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ବିଧାନସଭାରେ ଦାବୀ କରିଥିଲେ । ହେଲେ ଗୁଳିକାଣ୍ଡ କୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ୍ କେବଳ ୨ଜଣ ବ୍ୟକ୍ତି କୁଗୀରଫ କରି କୋଟଚାଲାଣ କରିଥିବାବେଳେ ସୋମବାର ନିତ୍ୟାନନ୍ଦ ମାଝି ଙ୍କ ଖତ ଗଦାରୁ ଏକ ବନ୍ଧୁକ ଜବତ କରିଛି । ହେଲେ ମୁଖ୍ୟ ଅପରାଧି କୁହାଯାଉଥିବା ଅକ୍ଷୟ ଘୋଷ ଓ ବିଧାୟକ ପୁତ୍ର ଦେବାଶିଷପାତ୍ର ଓ ଅନ୍ୟାନ୍ୟ ଅପରାଧି ମାନଙ୍କୁ ଘଟଣା ର ୨୦ ଦିନ ବିତିଯାଇଥିଲେ ମଧ୍ଯ ଏପର୍ଯ୍ୟନ୍ତ ପୋଲିସ ଅପରାଧି ମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ପୋଲିସ କହୁଛି ଧରିବ କିନ୍ତୁ ସମୟ ଲାଗିବ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଇ ଆତଙ୍କରାଜ କରାଯାଉଥିବା ନେତା ମାନଙ୍କୁ ଗୀରଫ କରିବା ପାଇଁ ପୋଲିସ ଭୟ କରୁଛି ଅବା ପରୋକ୍ଷରେ ଅପରାଧ କୁ ସହଯୋଗ କରିବା ନେଇ ବିଜେପି ନେତା କହିଛନ୍ତି । ପୋଲିସ ର ଏପରି ନିଷ୍କ୍ରିୟତା ରୁ ଅପରାଧୀ ମାନେ ଖୋଲା ମେଲାରେ ବୁଲୁଥିବା ଅଭିଯୋଗ ହେଉଛି ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ

କନ୍ଧମାଳ,୨/୦୮ (ନି.ପ୍ର): ଫୁଲବାଣୀ ସହର ର ସ୍ଥାନୀୟ ଜ଼ିଲ୍ଲା କ୍ରୀଡା କାର୍ଯ୍ୟାଳୟ ଫୁଲବାଣୀ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଖଜୁରୀପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର ,ଓଲିଉଡ ଆକଟର ବା ଗାୟକ ଜଳଧର ବେହେରା,କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର,ସହ କର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ସିବେନ୍ଦ୍ର ଡିଗାଲ, ମିନି କହ୍ନର ପ୍ରମୁଖ ଯୋଗ ଦେଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଫୁଲବାଣୀ ବ୍ଲକ ରଯୁବକ ସଙ୍ଘ ର ସଭ୍ୟ ସଭ୍ୟା, ନେହରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛା ସେବୀ ପ୍ରମୁଖ ଯୋଗ କାର୍ଯ୍ୟ କ୍ରମ ରେ ସାମିଲ ହୋଇ ଥିଲେ । ଏହି କାର୍ଯ୍ୟକ୍ରମ ଆଜିଠାରୁ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ କନ୍ଧମାଳ ଜ଼ିଲ୍ଲା ର ବିଭିନ୍ନ ବ୍ଲକ ରେ ଅନୁଷ୍ଠିତ ହେବ । ଏହି ଦିବସରେ ଯୋଗ ଉପରେ ଏକ କୁଇ ଯ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଏଥିରେ ପ୍ରଥମ ରତ୍ନାକର ପାଲଟା ସିଂ ପ୍ରଥମ, , ଦ୍ୱିତୀୟ ରାହୁଲ ରୁପମାଝି, ଏବଂ ତୃତୀୟ ଆଦିତ୍ୟ ମୁଠାମାଝି ହୋଇ ଥିଲେ ,ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି, ପ୍ରମାଣ ପତ୍ର ଦେଇ ପୁରସ୍କୃତମୁଖ୍ୟ ଅତିଥି ମାନଙ୍କ ଦ୍ୱାରା କରା ଯା ଇ ଥିଲା ।

# ପ୍ରଧାନଶିକ୍ଷକ ଦାୟିତ୍ୱ ଦେବାରେ ପାତରଅନ୍ତର ନୀତି ଅଭିଯୋଗ

ମାଲକାନଗିରି,୨/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗତ ଜାନୁଆରୀ ମାସରେ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପଦୋନ୍ନତି ଦିଆଯାଇଥିଲା ଏବଂ ଯେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ପାଇନାହାନ୍ତି ସେହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିବା ପାଇଁ ମାଲକାନଗିରି ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ ୧ ୫୦୨ ତାରିଖ ୧୮/୫/୨୨ ଓ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ଚିଠି ନଂ ୧୧୯୩ ତାରିଖ ୮/୩/୨୨ ଅନୁସାରେ ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ଥିଲା । କିନ୍ତୁ, ଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀଙ୍କ ଅନାଗ୍ରହ ଯୋଗୁଁ ଏ ଚିଠି ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇପାରିଲାନାହିଁ । ମାଲକାନଗିରି ପୌରାଂଚଳର ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା କନିଷ୍ଠ ଶିକ୍ଷକ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ମାନୁ ନଥିବା ଅଭିଯୋଗ ହେଉଛି । ପ୍ରକାଶ ଥାଉକି, ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବରାଜ ସାହୁଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ନାମା ଜାରି କରାଯାଇଥିଲା, ହେଲେ ନିର୍ଦ୍ଦେଶନାମା ଜାରି ହେବାର ସାତ ମାସ ପରେ ମଧ୍ୟ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ । ଏ ନେଇ ବରିଷ୍ଠ ଶିକ୍ଷକ ଶ୍ରୀ ସାହୁ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ବର୍ତମାନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ କଣ ପାଇଁ ଶ୍ରୀ ସାହୁଙ୍କୁ ଦାୟିତ୍ୱ ଦେଉନାହାନ୍ତି ତାହା ପଛରେ କଣ ରହସ୍ୟ ରହିଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସେହିପରି ବିଭାଗୀୟ ଅଧିକାରୀ କେବଳ ଚିଠି କରି ଚୁପ ବସି ରହିଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ଏହିପରି ଅବହେଳା ପଛରେ କେଉଁ ଉଦ୍ଦେଶ୍ୟ ଲୁଚି ରହିଛି ଜିଲାପାଳ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବୀ ଜୋର ଧରିଛି ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ପୁରୀ,୨/୦୮ (ନି.ପ୍ର): ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପାଇଁ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭାରତର ନିର୍ବାଚନ ଆୟୋଗ ଓ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲାରେ ଅଗଷ୍ଟ ୪ ତାରିଖରୁ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ସଂଶୋଧନ କାର୍ଯ୍ୟକମ ଚାଲୁ ରହିବ । ସୁସ୍ଥ ଓ ସୁଦୃଢ ଗଣତନ୍ତ୍ର ତଥା ଭୋଟର ତାଲିକାରେ ସଂଶୋଧନ ଆଣିବା ପାଇଁ ପ୍ରଥମଥର ୬(ଖ), ଫର୍ମରେ ଭୋଟର ତାଲିକା ପ୍ରମାଣିକରଣ ଉଦ୍ଦେଶ୍ୟରେ ସମସ୍ତ ଭୋଟର ଆଧାର ନମ୍ବର ସଂଯୋଗ ପାଇଁ ନିବେଦନ କରାଯାଇଛି । ପୂର୍ବରୁ ଜାନୁଆରୀ ୧ ତାରିଖକୁ ୧୮ ବର୍ଷ ପୂର୍ଣ୍ଣ ହେଉଥିଲେ ଭୋଟର ତାଲିକାରେ ନାମ ପଞ୍ଜିକରଣ ହେଉଥିଲା । ଏବେ ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହୋଇଥିବା ନାଗରିକ ନୂତନ ଭୋଟର ତାଲିକାରେ ନାମ ସଂଯୋଗ କରିପାରିବେ । ଫର୍ମ ନଂ ୬ରେ ନାମ ପଞ୍ଜିକରଣ, ଫର୍ମ ନଂ ୭ରେ ନାମ ବାଦଦେବା, ଫର୍ମ ନଂ ୮ରେ ବାସସ୍ଥାନ ପରିବର୍ତନ, ତଥ୍ୟ ସଂଶୋଧନ କରିପାରିବେ ।

# ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ ପାଳିତ

ସୁବର୍ଣ୍ଣପୁର,୨/୦୮ (ନି.ପ୍ର): ଆମେ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ର ପ୍ରଥମ ଲେଖକ ତଥା ଗବେଷକ ସୁବର୍ଣ୍ଣପୁର ମାଟି ର ଗୌରବ ସ୍ୱର୍ଗତ ସତ୍ୟ ନାରାୟଣ ବହିଦାର ଙ୍କ ଜନ୍ମ ତିଥି ଅଗଷ୍ଟ ୧ ତାରିଖ କୁ ଓଡିଶା ସମେତ ସାରା ପୃଥିବୀ ରେ ଞସମ୍ବଲପୁରୀ ଦିନଞ ତିହାର ଭାବେ ପାଳନ କରୁଥିବା ବେଳେ ଆଜି ସୋନପୁର ସହର ର ରୟାଲ ପଡିଆ ଠାରେ ମଧ ପ୍ରଥମ ଥର ପାଇଁ ଏ ତିହାର କୁ ଧୁମ ଧାମ ରେ ଲୋକେ ମନାଇଛନ୍ତି । ଆଉ ଶହ ଶହ ଲୋକ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଏହାର ଭାଷା, ନାଚ ଗୀତ ଓ ପରସ୍ପର ଭିତରେ ଭେଟ ଘାଟ ର ମଜା ନେଇଥିଲେ ।ପଶ୍ଚିମ ଓଡିଶା ଯୁବାମଞ୍ଚ ଓ ଏହାର ସୋନପୁର ଶାଖା ର କର୍ମକର୍ତ୍ତା ଙ୍କ ଦ୍ୱାରା ଆୟୋଜିତ ଏହି ପରବ ରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ଶ୍ରୀ ଅମରେଶ ପଣ୍ଡା ଯୋଗ ଦେଇ ନିଜ ମା ମାଟିର ଭାଷା ଉପରେ କିଛି ବି ସଂକୋଚ ନ କରି ନିଜ ଭାଷା କୁ ସବୁଠି ଖୋଲା ଖୋଲି ଜୋର ରେ କହିବା ଉଚିତ କ୍ଷ ଓ ଭଷା ସାହିତ୍ୟ ଉପରେ ରାଜନୀତି କରଣ ନ ହେବା ଉଚିତ ବୋଲି ମତ ରଖିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଏଡିଏମ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଯୋଗ ଦେଇ ସ୍ୱର୍ଗତ ବହିଦାର ଜୀବନ ସାରା ଲେଖିଥିବା ତାଙ୍କର ଅନେକ ଭାଷା ବ୍ୟାକରଣ ର ଶବ୍ଦ ଗୁଡିକ ଭାବ କୁ ଆଜି ଆମେ ଠିକ ଧରିଛୁ ବୁଝି ପାରିଛୁ, ଯାହାକି ଏଇ ଦିବସ ବା ତିହାର ହିଁ ଏହାର ଉଦାହରଣ ବୋଲି ମତ ରଖି ତାଙ୍କ ଗଭୀର ଭାଷା ସବୁକୁ ସୁନା ହୀରା ସହିତ ଶ୍ରୀ ଦାଶ ତୁଳନା କରିଥିଲେ । ମଲିଫୁଲ, ଅତର ମାଖି ବେଲାରୀ ପାନ ଖାଇ ସମ୍ବଲପୁରୀ କୁର୍ତା ପିନ୍ଧି ଚିକଣ ଚାକଣ ରେ ବୁଲୁଥିବା ସୋନପୁରିଆ ଲୋକ ସବୁ ଖୁବ ମିଜାଜୀ ବୋଲି କହି ସ୍ୱର୍ଗତ ବହିଦାର ଙ୍କ ଉତ୍ସାହ ଉଦ୍ଦୀପନା ପାଇଁ ସେ ଜଣେ ଭାଷା ଓ ଶବ୍ଦ ର ଭିକାରୀ ବୋଲି ମୁଖ୍ୟ ବକ୍ତା ପ୍ରଧାପକ ଡ଼ଃ ପୁରୁଷୋତ୍ତମ ମିଶ୍ର ପ୍ରଶଂସା କରିଥିଲେ । ଅନ୍ୟ ତମ ଅତିଥି ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବରଗଡ଼ ର କଂସ ମହାରାଜ ସୁଶୀଳ ମେହେର, ବିନିକା ର କଂସ ମହାରାଜ ଗୋପାଳ ପଣ୍ଡା, ଆୟୋଜକଙ୍କ ଉଦ୍ୟମ କୁ ପ୍ରଶଂସା କରି ଏହାକୁ ଜାରି ରଖିବାକୁ କହିଥିଲେ । ସ୍ଥାନୀୟ କଳାକାର ବିରେନ ଜଗଦଲାଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପାରିବେଷଣ କରାଯାଇଥିଲା । ଉତ୍ସବ ରେ ସହର ର ଅନେକ ଲୋକ, ବୁଦ୍ଧିଜୀବୀ, ମହିଳା, ଓ କଳାକାର ଯୋଗ ଦେଇଥିବା ବେଳେ ଭଗରଥୀ ମିଶ୍ର ସଭା ସଂଯୋଜନା କରିଥିଲେ । ପଶ୍ଚିମ ଓଡିଶା ଯୁବା ମଞ୍ଚ ର ସନ୍ତୋଷ ମେହେର ଏହାକୁ ଆୟୋଜନ କରିଥିବା ସୋନପୁର ଶାଖା ର କଣ୍ଠ ଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ସାମ୍ବାଦିକ ସନ୍ତୋଷ ମିଶ୍ର, ଯୁବ ସଂଗଠକ ଦେବାଶିଷ ପଟ୍ଟନାୟକ, ସ୍ୱର୍ଗତ ବହିଦାର ଙ୍କ ନାତି ଅରୁଣ ବହିଦାର ପ୍ରମୁଖ ସହଯୋଗ କରିଥିଲେ । ଶେଷ ରେ ସମସ୍ତ ଅତିଥି ଓ ଉପସ୍ଥିତ ଲୋକେ ରଙ୍ଗବତୀ ସମ୍ବଲପୁରୀ ଗୀତ ନାଚ ର ମଜା ନେଇଥିଲେ । ଓ ଆୟୋଜକ କମିଟି ପକ୍ଷରୁ ସମସ୍ତ ଙ୍କୁ ଗୋଟାଏ ଗୋଟାଏ ଗଛ ଉପହାର ପ୍ରଦାନ କରାଯାଇ ଆଜି ଦିବସ ରେ ରକ୍ତ ଦାନ ପାଇଁ ଆହ୍ୱାନ କରାଯାଇଥିଲା ।

# ଆଚାର୍ଯ୍ୟ ହରିହର ବିଦ୍ୟାନିକେତନର ଅଭିଭାବକ ସମ୍ମିଳନୀ

ପୁରୀ,୨/୦୮ (ନି.ପ୍ର): ହେରାଗୋହିରୀ ସାହି ସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାନିକେତନ ପରିସରରେ ପ୍ରଥମ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ତଥା ସମାଜସେବୀ ଚକ୍ରଧର ମହାପାତ୍ର ଓ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉନ୍ନତି ପାଇଁ ଆଲୋଚନା କରିଥିଲେ । ଅଭିଭାବକଙ୍କ ପକ୍ଷରୁ ଲକ୍ଷ୍ମୀପ୍ରିୟା ସାହୁ ସଭାପତି ଭାବେ ଯୋଗଦେଇ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀ-ଶିକ୍ଷକ ଶିକ୍ଷୟିତ୍ରୀ-ଅଭିଭାବକ ଓ ଅଭିଭାବିକାମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ବକ୍ତାମାନେ ମତ ଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତିକାନ୍ତି ମହାପାତ୍ର ସଭା ପରିଚାଳନା କରିଥିଲେ । ବିନୋଦିନୀ ଦେଇ, ମମତା ବିଶ୍ୱାଳ, ମିନତୀ ରଥ, ସଞ୍ଜୁକ୍ତା ତ୍ରିପାଠୀ, ମିତାଲି ପ୍ରଧାନ, ସସ୍ମିତା ପଣ୍ଡାଙ୍କ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ ।

# ବୋରିଗୁମ୍ମାରେ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ଜୟପୁର,୨/୦୮ (ନି.ପ୍ର): ବୋରିଗୁମ୍ମା ବ୍ଲକରେ କୋରାପୁଟ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଲୋକଙ୍କ ସମସ୍ୟା, ଉନ୍ନୟନ ମୂଳକ କାର୍ଯ୍ୟରେ ଉପୁଜୁଥିବା ବାଧାବିଘ୍ନ ର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଅବଦୁଲ ମହମ୍ମଦ ଅଖାତାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ବୋରିଗୁମ୍ମା ବିଡ଼ିଓ ପ୍ରଣୟ ରଞ୍ଜନ ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ କୋରାପୁଟ ଏସ୍ପି ବରୁଣ କୁମାର ଗୁଣ୍ଟ ପାଲି, ପ୍ରକଳ୍ପ ନର୍ଦ୍ଦେଶକ, ଜିଲାମୁଖ୍ୟ ଚିକତ୍ସା ଅଧିକାରୀ ଅରୁଣ ପାଢ଼ୀ ,ଜୟପୁର ଉପଜିଲାପାଳ ବେଦ ବର ପ୍ରଧାନ ଙ୍କ ସମେତ ସମସ୍ତ ବିଭାଗ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ବିଭିନ୍ନ ଅଞ୍ଚଳ ରୁ ୩୯ ଟି ଅଭିଯୋଗ ଶୁଣିଥିଲେ ଜିଲାପାଳ । ଅଭିଯୋଗ ଶୁଣିବା ପରେ ବିଭିନ୍ନ ବିଦ୍ୟାଳୟର ପଟା ,ମହିଳା ଏସଏଚଜି ଗ୍ରୁପ ଋଣ ଟଙ୍କା , ଭିନ୍ନକ୍ଷମଙ୍କୁ ପ୍ରମାଣ ପତ୍ର ,ଓ ଉପକରଣ ବଣ୍ଟନ କରିଥିଲେ ଜିଲାପାଳ ।

# କାର୍ ଭିତରେ ନାବାଳିକା ଗଣଦୁଷ୍କର୍ମ ଘଟଣା : ଜଣେ ମହିଳାଙ୍କ ସମେତ ୬ ଗିରଫ



ବୁର୍ଲା,୨/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲାର ବୁର୍ଲା ସହରରେ ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ ଢାବା ମାଲିକଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁଜାତା ଦାସ(୩୪), ଆକାଶ ଦାସ(୨୮), ମନୋଜ କାଟା(୨୭), ବିନୋଦ ଝାରା(୨୦), ଜଗଦୀଶ ମହାନନ୍ଦ(୫୪) ଓ ସନ୍ନ୍ୟାସୀ ପ୍ରଧାନ(୨୭) । ଏହି ଘଟଣାରେ ବୁର୍ଲା ପୁଲିସ୍ ଢାବା ମାଲିକଙ୍କ ସହ ଅନ୍ୟ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି । ଏହି ମାମଲାରେ ଓଡି ୧୫ ୟୁ ୬୧୨୯ ନମ୍ବର ଥିବା ଏକ ରେନଲ୍ଟ କାର୍ ମଧ୍ୟ ଜବତ ହୋଇଛି । ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୁଷ୍କର୍ମ କରି ନାବାଳିକାଙ୍କୁ ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ ଗୋଶାଳା ନିକଟ ଏକ ଢାବା ପାଖରେ ଛାଡ଼ି ଦେଇଥିଲେ । ବୁର୍ଲା ପୁଲିସ୍ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୁର୍ଲା ବଡ଼ ଡାକ୍ତରଖାନାର ଆଶୁଚିକିତ୍ସା ବିଭାଗ ଓ ପରେ ପ୍ରସୂତି ଓ ସ୍ତ୍ରୀ'ରୋଗ ବିଭାଗରେ ଭର୍ତ୍ତି କରିଥିଲା । ନାବାଳିକାଙ୍କ ବାପା ଅଜୟ ଜେନାଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହାପରେ ସମଲେଶ୍ୱରୀ ଢାବାର ମାଲିକ ସୁଜାତା ଦାସ ଓ ଅନ୍ୟ ୫ ଅଭିଯକ୍ତଙ୍କୁ ପୁଲିସ ଧରିଥିଲା । ଅନୁସନ୍ଧାନ ବେଳେ ଜଣାପଡ଼ିଛି ଯେ କୁଟିଣ୍ଡାର ସୁଜାତା ଦାସ ନାବାଳିକାଙ୍କୁ ପ୍ରଲୋଭିତ କରି ରାତ୍ରୀ ଭୋଜନ ପାଇଁ ନେଇଥିଲେ । ରାତ୍ରୀ ଭୋଜନ ସମୟରେ ପୀଡ଼ିତାଙ୍କୁ ଅଚେତ କରାଯାଇ ଜଣକ ପରେ ଜଣେ ଏକ ରେନଲ୍ଟ କାର୍ ଭିତରେ ଗଣଦୁଷ୍କର୍ମ କରିଥିଲେ ।

# ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଗବତର ପ୍ରଚାର ପ୍ରସାରକୁ ନେଇ ରାଜ୍ୟପାଳଙ୍କୁ ସାକ୍ଷାତ



ପାରାଦ୍ୱୀପ ,୨/୦୮ (ନି.ପ୍ର): ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଗବତର ପ୍ରଚାର ପ୍ରସାର ପାଇଁ ସୋମବାର ଜଗତସିଂହପୁର ଜିଲ୍ଲାର ଜଣେ ଜଣାଶୁଣା ସମାଜସେବୀ ଡ଼ଃ ସୁନାକର ବେହେରା ଓଡ଼ିଶାର ମାନ୍ୟବର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମହୋଦୟ ଙ୍କୁ ରାଜଭବନ କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତି ଓ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଓଡ଼ିଆ ଭାଗବତର ଅଧିକ ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କୁ ରାଜ୍ୟପାଳଙ୍କ ସୁପାରିଶ କରିବା ସହିତ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ଗଠନ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଜନାକୁ ସୁଚାରୁରୂପେ ଗୁରୁତ୍ୱ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ଏହି ଅବସରରେ ଡ଼ଃ ବେହେରାଙ୍କ ସହିତ ତାଙ୍କ ସହଧର୍ମିଣୀ ତଥା ସମାଜସେବୀ ଶ୍ରୀମତୀ ପ୍ରମୋଦିନୀ ବେହେରା ଓ କୁଜଙ୍ଗ ବ୍ଲକ ଜୋନ-୨'ର ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ରବିନାରାୟଣ ସାହୁ, ଜ୍ଞାନଗୁରୁ ଉପାଧି ପ୍ରାପ୍ତ ଶିକ୍ଷୟତ୍ରୀ ପ୍ରତିଭା ମିଶ୍ର ସାକ୍ଷାତ କରିବା ସହିତ ଉକ୍ତ ଆଲୋଚନାରେ ମତାମତ ପ୍ରଦାନ କରିଥିଲେ । ଶ୍ରୀ ବେହେରା ରାଜ୍ୟସ୍ତରରେ ଅନେକ ସଂଗଠନର ଦାଇତ୍ୱ ଗ୍ରହଣ କରି ସର୍ବ ଭାରତୀୟ ସ୍ତରରେ ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା 'ପ୍ରାଉଡ଼ ଇଣ୍ଡିଆ ପାର୍ଲ୍ୟାମେଣ୍ଟାରୀ ଆୱାର୍ଡ' ଓ ଜାମୁ କାଶ୍ମୀର ଠାରେ ଆୟୋଜିତ ଖାଉଟି କଲ୍ୟାଣ ପରିଷଦ ଦ୍ୱାରା ସର୍ବଭାରତୀୟ ଖାଉଟି ସମିଳନୀରେ ସମ୍ବର୍ଦ୍ଧିତଃ ହୋଇ ଜଗତସିଂହପୁର ଜିଲ୍ଲା ଓ ଓଡ଼ିଶା ମାଟିର ଗୌରବ ଆଣିପାରିଛନ୍ତି ଏବଂ ଆଜି ରାଜ୍ୟପାଳଙ୍କ ଏହି ସାକ୍ଷାତ କୁ ନେଇ ଜିଲ୍ଲାର ବୁଦ୍ଧିଜୀବୀ ଓ ଅନେକ ସଂଗଠନ ସହ ବିଭିନ୍ନ ଧର୍ମାନୁଷ୍ଠାନ ତରଫରୁ ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି ।




# ବିଳାସପୁର

ଛତିଶଗଡ଼ର ବିଳାସପୁର ସହର ଓ ଆଖପାଖରେ ବିଳାସପୁର ସହର ଓ ଆଖପାଖରେ ବହୁ ସୁନ୍ଦର ସୁନ୍ଦର ସ୍ଥାନ ରହିଛି ପ୍ରକୃତିପ୍ରେମୀ ଏହି ସବୁ ସ୍ଥାନ ବୁଲି ଦେଖିପାରିବେ । ବଣଭୋଜି କରିବା ଭଳି ଅନେକ ସ୍ଥାନ ମଧ୍ୟ ରହିଛି । ବିଳାସପୁର ଅଞ୍ଚଳରେ ।

ବିଳାସପୁର, ଛତିଶଗଡ଼ ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ସହର, ଯାହା ଐତିହାସିକ, ସାଂସ୍କୃତିକ ଓ ପ୍ରକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସମୃଦ୍ଧ । ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ରତନପୁରର କଳଚୁରୀ ରାଜବଂଶର ଶାସନ ସେଠାରେ ଥିଲା । କିନ୍ତୁ ମରାଠାମାନଙ୍କ ଶାସନ କାଳ ମଧ୍ୟରେ ଏହି ସହରର ପ୍ରସିଦ୍ଧି ବୃଦ୍ଧି ପାଇଥିଲା । ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଆଦର୍ଶ ବିକଳ୍ପ ।



**ରତନପୁର :**

ଏହି ପ୍ରାଚୀନ ସ୍ଥଳ ତା'ର ପ୍ରାଚୀନ ସଂରଚନା ପାଇଁ ପ୍ରସିଦ୍ଧ । ଏହି ସହରକୁ ରାଜା ରତନ ଦେବ ନିର୍ମାଣ କରିଥିଲେ । ଦର୍ଶନୀୟ ସ୍ଥାନ ମଧ୍ୟରୁ ସେଠାରେ ଥିବା ମହାମାୟା ମନ୍ଦିର ଅନ୍ୟତମ । ମୁଖ୍ୟ ଆକର୍ଷଣ ମଧ୍ୟରୁ ରତନପୁର ଫୋର୍ଟ ରହିଛି । ଏହି ଅଦ୍ଭୁତ କିଲ୍ଲାକୁ ଦେଖିବା ପାଇ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଳାସପୁର ସହରରୁ ଏହା ୨୫ କି.ମି ଦୂରରେ ଅବସ୍ଥିତ ।

**ଅଚାନକମାନର ବନ୍ୟଜୀବ ଅଭୟାରଣ୍ୟ :**

ପାଖାପାଖି ୫୫୫ ବର୍ଗ କି.ମି କ୍ଷେତ୍ରରେ ବ୍ୟାପ୍ତ ଏହି ଅଭୟାରଣ୍ୟ ବିଭିନ୍ନ ବନସ୍ପତି ଓ ଜୀବଜନ୍ତୁଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିଥାଏ । ଘନ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଅଭୟାରଣ୍ୟକୁ ୨୦୦୯ରେ ଏକ ଟାଇଗର ରିଜର୍ଭ ଭାବରେ ଘୋଷଣା କରାଯାଇଥିଲା ।





**ଖୁଣ୍ଟାଘାଟ :**

ଖୁଣ୍ଟାଘାଟ ମୁଖ୍ୟତଃ ରିଭର ଡ୍ୟାମ ପାଇଁ ପ୍ରସିଦ୍ଧ । ଏହା ଖାରୁନ ନଦୀରେ ନିର୍ମିତ ହୋଇଛି । ମୁଖ୍ୟ ସହରଠାରୁ ୩୩ କି.ମି ଦୂରରେ ଅବସ୍ଥିତ ଏହା ଏକ ଲୋକପ୍ରିୟ ଡ୍ୟାମ୍ । ବିଳାସପୁର-ଅମ୍ବିକାପୁର ହାଇୱେ ପାର୍ଶ୍ୱରେ ଏହା ଅବସ୍ଥିତ । ଏକ ଲୋକପ୍ରିୟ ପିକ୍‌ନିକ୍ ସ୍ପଟ୍ ହୋଇଥିବାରୁ ସ୍ଥାନୀୟ ନିବାସୀମାନେ ମଧ୍ୟ ସେଠାକୁ ଭ୍ରମଣ ପାଇଁ ଅଧିକ ସଂଖ୍ୟାରେ ଯାଇଥାନ୍ତି ।



**ତାଲାଗାଓଁ :**

ବିଳାସପୁର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଶୃଙ୍ଖଳାରେ ମୁଖ୍ୟ ସହରଠାରୁ ୩୦ କି.ମି ଦୂରରେ ଅବସ୍ଥିତ ତାଲାଗାଓଁ ଏକ ସୁନ୍ଦର ଗ୍ରାମ, ଯାହା ମନିୟାରୀ ନଦୀ କୂଳରେ ଅବସ୍ଥିତ । ଏହି ସ୍ଥଳ ଦେବରାନୀ-ଜେଠାନୀ ମନ୍ଦିର ପାଇଁ ପ୍ରସିଦ୍ଧ ।





**ଦେବରାନୀ ମନ୍ଦିର :**

ଏହି ମନ୍ଦିରରେ ପ୍ରସ୍ତର ନିର୍ମିତ ଅର୍ଦ୍ଧଭଗ୍ନ ଦେବରାନୀ ମନ୍ଦିର, ଶିବ ମନ୍ଦିର ରହିଛି ଯାହାର ମୁଖ ପୂର୍ବ ଦିଗକୁ ରହିଛି । ମନ୍ଦିରର ପଛ ପାର୍ଶ୍ୱରେ ମନିୟାରୀ ନଦୀ ପ୍ରବାହିତ ହେଉଛି । ସେଠାରେ ଗର୍ଭଗୃହ, ଅନ୍ତରାଳ ଏବଂ ଖୋଲା ସ୍ଥାନଯୁକ୍ତ ଶଙ୍କରା ମୁଖମଣ୍ଡପ ଅଛି । ମୁଖମଣ୍ଡପରେ ପ୍ରବେଶ ଦ୍ୱାରା ଅଛି । ମନ୍ଦିର ସ୍ଥଳୀରେ ହିନ୍ଦୁ ବିଶ୍ୱାସ ଅନୁସାରେ ବିଭିନ୍ନ ଦେବୀ ଦେବତା, ପୌରାଣିକ ଆକୃତି, ପୁଷ୍ପାଙ୍କନ ଏବଂ ବିବିଧ ଜ୍ୟାମିତିକ ଏବଂ ଅଜ୍ୟାମିତିକ ଅଙ୍କନଯୁକ୍ତ ପ୍ରତିମା ଏବଂ ବାସ୍ତୁଖଣ୍ଡ ରହିଛି ।

**ଜେଠାନୀ ମନ୍ଦିର :**

ଦକ୍ଷିଣାଭିମୁଖୀ ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । ଭଗ୍ନାବଶେଷ ଭାବରେ ଜ୍ଞାନ ସଂରଚନାକୁ ଅନାବୃତ୍ତ କରାଯାଇଛି । ତେଣୁ କେହି ମଧ୍ୟ ଏହାକୁ ଦେଖି ଏହାର ଭୂ- ନିର୍ମାଣ ଯୋଜନା ବିଷୟରେ ଜାଣିପାରିବ । ସମ୍ମୁଖ ଭାଗରେ ଗର୍ଭଗୃହ ଭାଗ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦିଗପାଳ ଦେବତା ବା ଗଜମୁଖ ଚବୁତରାରେ ନିର୍ମିତ କରାଯାଇଛି । ନିଃସନ୍ଦେହ ତାଲାସ୍ଥିତ ସ୍ମାରକଗୁଡ଼ିକର ଅବଶେଷ ଭାରତୀୟ ସ୍ଥାପତ୍ୟକଳାର ବିଲକ୍ଷଣ ଉଦାହରଣ ।



**କେବେ ଯିବେ :** ବିଳାସପୁରରେ ମହାଦ୍ୱୀପୀୟ ଓ ମନସୁନ ପରି ପାଗ ଦେଖିବାକୁ ମିଳେ । ସେଠାରେ ଗରମ ଦିନେ ଅଧିକ ଗରମ ହୁଏ ଓ ଶୀତ କମ୍ ହୁଏ । ବର୍ଷା ସୀମିତ ମାତ୍ରାରେ ହୁଏ । ତେଣୁ ପର୍ଯ୍ୟଟକମାନେ ଶୀତ ଦିନରେ ସେଠାକୁ ଗଲେ ଉପଭୋଗ କରିପାରିବେ ।
**କିପରି ଯିବେ :** ଆକାଶ ମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବିଳାସପୁରରେ ଥିବା ବିମାନବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ଟ୍ୟାକ୍ସି ଯୋଗେ ଭ୍ରମଣ ସ୍ଥାନକୁ ଯାଇପାରିବେ । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେର ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟରୁ ବିଳାସପୁର ଅନ୍ୟତମ । ରେଲୱେ ଷ୍ଟେସନରୁ ଅଟୋ, ଟାଙ୍ଗା ଦ୍ୱାରା ସହର ମଧ୍ୟକୁ ପହଞ୍ଚି ପାରିବେ ।

# କୋରମା ରାଇସ୍

**ଆବଶ୍ୟକ ସାମଗ୍ରୀ :**

ଦେଢ଼ କପ୍ ଚାଉଳକୁ ୩୦ ମିନିଟ୍ ପାଇଁ ପାଣିରେ ଭିଜାଯାଇ ଛଣାଯିବ, ଘିଅ-୨ ଚାମଚ, ଗୁଜୁରାତି, ଲବଙ୍ଗ, ତେଜପତ୍ର-୨ଟି ଲେଖାଏଁ, ଡାଲଚିନି-୨ ଇଞ୍ଚ, ଲୁଣ-ସ୍ୱାଦ ଅନୁସାରେ, ହଳଦୀ ପାଉଡର-୨ ଚୁଟ୍‌କି, ୧ ଚାମଚ ପୋସ୍ତ ଓ ୩ଟା କାଜୁର ପେଷ୍ଟ ।
କୋରମା ପାଇଁ : ଦେଢ଼ କପ୍ ଗଜାମୁଗ, ଘିଅ-୨ ଚାମଚ, ଅଦା, ରସୁଣ ପେଷ୍ଟ-୧ ଚମେଚ, ଗୁଜୁରାତି-୨ଟି, କଟା ଯାଇଥିବା ପିଆଜ-୧ଟି, ଧନିଆ ଓ ଲଙ୍କା ଗୁଣ୍ଡ-୧ ଚାମଚ ଲେଖାଏଁ, କଟାଯାଇଥିବା ଟମାଟୋ-୧ଟି, କ୍ଷୀର-ଅଧା କପ୍, ଫ୍ରେସ୍ କ୍ରିମ୍-୧ କପ୍, ଲୁଣ-ସ୍ୱାଦ ଅନୁସାରେ । ଅନ୍ୟ ସାମଗ୍ରୀ ଘିଅ-୨ ଚାମଚ, କ୍ଷୀର-୨ ଚାମଚ ।




**ପ୍ରଣାଳୀ :**

ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଘିଅ ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଲବଙ୍ଗ ଓ ତେଜପତ୍ର ପକାଇ ମଧ୍ୟମ ଆଞ୍ଚରେ କିଛି ସମୟ ରଖାଯିବା । ସେଥିରେ ଚାଉଳ ପକାଇ ମଧ୍ୟମ ଆଞ୍ଚରେ ୧ ମିନିଟ୍ ପର୍ଯ୍ୟନ୍ତ ଭଜା ହେବ । ଏବେ ତିନି କପ୍ ଗରମ ପାଣି ଢାଳି ଲୁଣ ଓ ହଳଦୀ ମିଶାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ । ୧୦ ମିନିଟ୍ ପାଇଁ ଘୋଡ଼େଇ ଦିଅନ୍ତୁ । ଭାତ ହେବା ପରେ ସମାନ ଭାବରେ ତିନି ଭାଗ କରିଦିଅନ୍ତୁ ।

**କୋରମା ପାଇଁ :**

ଅନ୍ୟ ଏକ ପ୍ୟାନ୍‌ରେ ଘିଅ ଗରମ କରି ଅଦା, ରସୁଣ ପେଷ୍ଟ ଓ ଗୁଜୁରାତି ପକାଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ପାଇଁ ଭାଜନ୍ତୁ । ଧନିଆ ପାଉଡର, ଲଙ୍କା ପାଉଡର ଓ ଟମାଟୋ ପକାଇ-୨-୩ ମିନିଟ୍ ଭାଜନ୍ତୁ । ଗଜା ମୁଗ, ଅଧା କପ୍ ପାଣି ଓ ଲୁଣ ମିଶାଇ ଗୋଳେଇ ୫ ମିନିଟ୍ ଆଞ୍ଚ ଉପରେ ରଖି ଏହାକୁ ଅଲଗା କରି ରଖନ୍ତୁ । କାଜୁ, ପୋସ୍ତ ପେଷ୍ଟ, କ୍ଷୀର ଓ ଫ୍ରେସ୍ କ୍ରିମ୍‌କୁ ଏକ ବାଉଲ୍‌ରେ ମିଶାଇ ୨ ମିନିଟ୍ ପର୍ଯ୍ୟନ୍ତ ରନ୍ଧା ଯିବ । କୋରମାକୁ ଦୁଇ ଭାଗରେ ବାଣ୍ଟି ରଖାଯିବ । ଅନ୍ୟ ଏକ ବାଉଲ୍‌ରେ ଘିଅ ଲଗାଇ ଭାତର ଏକ ଭାଗକୁ ମିଶାଇ ଚାମଚରେ ସମାନ କରି ପ୍ରସ୍ତୁତ କୋରମାକୁ ତା' ଉପରେ ପକାଇ ସମାନ ଭାବରେ ଖେଳେଇ ଦିଅନ୍ତୁ । ପୁଣି ଭାତ ଓ କୋରମାକୁ ଆଉ ଏକ ସ୍ତରରେ କରି ସେହିପରି ରଖନ୍ତୁ । ତା' ଉପରେ କ୍ଷୀର ପକାଇ ପ୍ରଥମରୁ ଗରମ ଥିବା ଓଭେନ୍‌ରେ ୧୮୦ ଡିଗ୍ରୀ ତାପମାନରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ବେକ୍ କରନ୍ତୁ । ଏବେ ଗରମ ଗରମ ଖାଇବାକୁ ଦିଅନ୍ତୁ ।

# ଗରମ ପାଣି ବିଳମ୍ବରେ ଗରମ ହୁଏ

ସମସ୍ତେ ଜାଣିଛନ୍ତି ପାଣି ଗରମ କରିବାକୁ ହେଲେ ଉପଯୁକ୍ତ ତାପମାତ୍ରା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ବି ଦେଖିବାକୁ ପଡ଼ିଥାଏ । ଆମ ସମସ୍ତଙ୍କର ଧାରଣା ଥାଇପାରେ ଯେ ଗରମ ପାଣିକୁ ଗରମ କଲେ ଶୀଘ୍ର ଗରମ ହୋଇଯାଏ । ତାହା କିନ୍ତୁ ଭୁଲ, ଗରମ ବଦଳରେ ଥଣ୍ଡାପାଣିକୁ ଗରମ କଲେ, ତାହା ଶୀଘ୍ର ଗରମ ହେବା ସହିତ କମ ଜାଳେଣି ବି ଖର୍ଚ୍ଚ ହୁଏ । ଏ ବାବଦରେ ତାଞ୍ଜାନିଆର ଜଣେ ଛାତ୍ର ଗବେଷଣା କରି ଏହାକୁ ପ୍ରକାଶ କରିବା ପରେ ବୈଜ୍ଞାନିକମାନେ ପ୍ରଥମେ ଖଣ୍ଡନ କରୁଥିଲେ ବି ପରେ ସ୍ୱୀକାର କରିଥିଲେ ।



# ଲଣ୍ଡନରେ ବେଶୀ ଭାରତୀୟ ରେଷ୍ଟୁରାଣ୍ଟ




ଖାଦ୍ୟ କେବଳ ମଣିଷର ରୁଚି ଅନୁସାରେ ନୁହେଁ ସ୍ୱାଦ ଅନୁସାରେ ବି ଆଦର ରହିଛି । ଯେଉଁ ରେଷ୍ଟୁରାଣ୍ଟରେ ସ୍ୱାଦ ଭଲ, ସେଠାରେ ଗହଳି ଲାଗିଯାଏ । ଯଦି ଦେଖାଯାଏ ବମ୍ବେ କିମ୍ବା ଦିଲ୍ଲୀ ଭଳି ମହାନଗରୀରେ ଯେତିକି ଭାରତୀୟ ରେଷ୍ଟୁରାଣ୍ଟ ନାହିଁ, ତାହାଠାରୁ ଯଥେଷ୍ଟ ଅଧିକ ଲଣ୍ଡନରେ ରହିଛି । ଲଣ୍ଡନରେ ଭାରତୀୟ ଖାଦ୍ୟପଦାର୍ଥର ଯଥେଷ୍ଟ ଆଦର ରହିଛି । ଭାରତୀୟ ରେସିପ ହିଁ ଲଣ୍ଡନରେ ଅଧିକ ଲୋକପ୍ରିୟ । ସେଥିପାଇଁ ମୂଳ ଭାରତୀୟ ତଥା ବାଂଲାଦେଶର ଅଧିକାଂଶ ଲୋକମାନେ ଲଣ୍ଡନରେ ନାମିଦାମୀ ରେଷ୍ଟୁରାଣ୍ଟର ମାଲିକ ବୋଲି ଜଣାପଡ଼ିଛି । ଭାରତୀୟ ଖାଦ୍ୟର ଚାହିଦା ଥିବାରୁ ପ୍ରାୟ ୧୫ ହଜାରରୁ ଅଧିକ ରେଷ୍ଟୁରାଣ୍ଟ ଲଣ୍ଡନରେ ଦେଖିବାକୁ ମିଳିଥାଏ, ଯାହା ମୁମ୍ବାଇ ଭଳି ଭାରତୀୟ ମହାନଗରରେ ଦେଖିବାକୁ ମିଳି ନଥାଏ ।



# ଅଣ୍ଡା ଭଲ କି ଖରାପ ଜାଣିବାର ଉପାୟ

ଆମେମାନେ ବଜାରରୁ ବିଭିନ୍ନ ଜିନିଷ କିଣିବା ବେଳେ ଭଲ କି ଖରାପ ଦେଖି କିଣିଥାନ୍ତି । ପୋକା, ପୋଚରା କି ଖରାପ ଜିନିଷକୁ ଛାଡ଼ି ଭଲ ଜିନିଷ କିଣୁଥାଉ । କିନ୍ତୁ ଏମିତି କିଛି ଜିନିଷ ବଜାରରେ ମିଳେ ଯାହା ଦେଖିଲେ ବି ଜାଣିବା ସମ୍ଭବ ହୋଇପାରେ ନାହିଁ । ସେମିତି ଅନେକଥର ବଜାରରୁ ଅଣ୍ଡା କିଣିବା ବେଳେ ଆଖିକୁ ସିନା ଭଲ ଅଣ୍ଡା ଦେଖାଯାଏ ହେଲେ ପରଖିବା ପାଇଁ ସେମିତି କିଛି ମାଧ୍ୟମ ନଥାଏ । ଭଲ କି ଖରାପ ଅଣ୍ଡା ଜାଣିବାକୁ ହେଲେ ତାକୁ ପାଣିରେ ପକାଇଦେଲେ ଜଣାପଡ଼ିଥାଏ । ଯେଉଁ ଅଣ୍ଡା ଖରାପ ତାକୁ ପାଣିରେ ପକାଇଦେଲେ ତାହା ଭାସିଥାଏ । ବାସ୍ତବରେ ଅଣ୍ଡା କେତେଦିନ ତଳର କିମ୍ବା ଠିକ୍ ଅଛିକି ନାହିଁ ଜାଣିବା ପାଇଁ ହେଲେ ପାଣିରେ ବୁଡ଼େଇ ହିଁ ପରୀକ୍ଷା କରାଯାଇପାରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିରପେକ୍ଷତା ରହିବା ଉଚିତ...

ଜଣେ ରାଜ୍ୟପାଳ ହେଉଛନ୍ତି ଏକ ରାଜ୍ୟର ମୁଖ୍ୟ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି। ଏକ ରାଜ୍ୟରେ ସର୍ବୋଚ୍ଚ ପଦବୀରେ ଆସୀନ ରାଜ୍ୟପାଳଙ୍କଠାରୁ ନିରପେକ୍ଷତା ଆଶା କରାଯାଏ; କୌଣସି ପ୍ରକାରର ରାଜନୀତିକ ଦର୍ଶନ ଦ୍ୱାରା ସେ ପରିଚିହ୍ନିତ ହେବା ସ୍ପୃହଣୀୟ ନୁହେଁ। ପରନ୍ତୁ, ମହାରାଷ୍ଟ୍ରର ରାଜ୍ୟପାଳ ବିଏସ୍ କୋଶିୟାରୀଙ୍କର ରାଜନୀତିରେ ଘାଣ୍ଟି ଚକଟି ହେବାର ମୋହ କମିବାର ନାହିଁ। ଭାରତୀୟ ଜନତା ପାର୍ଟିର ସେ ଏକ ସଖୀ କଣ୍ଢେଇ ଏବଂ ଲୋକମାନଙ୍କ ମାନସିକତାକୁ ଆଘାତ ପହଂଚାଇବା ଭଳି ଅବାନ୍ତର ମନ୍ତବ୍ୟମାନ ଦେଉଛନ୍ତି ବୋଲି ପ୍ରାୟତଃ ତାଙ୍କ ବିରୋଧରେ ଅଭିଯୋଗ ହୋଇ ଆସୁଛି। ଉଦ୍ଧବଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପରେ ସମ୍ପ୍ରତି ଏହି ରାଜ୍ୟରେ ଶିବସେନା-ବିଜେପି ମିଳିତ ସରକାର ଶାସନ କରୁଛି। ତଥାପି ରାଜ୍ୟପାଳ ମନ୍ତବ୍ୟ ପରିପ୍ରେକ୍ଷୀରେ ବିଜେପି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ଅନୁଭବ କରନ୍ତି ବେଶ୍ କିଛି ସଂଖକ ବୁଦ୍ଧିଜୀବୀ। ୨୦୧୯, ସେପ୍ଟେମ୍ବର ୫ ତାରିଖରେ ଭଗତ ସିଂହ କୋଶିୟାରୀ ମହାରାଷ୍ଟ୍ରର ରାଜ୍ୟପାଳ ହେଲେ। ଆଉ ଏହା ପରଠାରୁ ତାଙ୍କ ନାମରେ ଏକ ଖ୍ୟାତି ଯୋଡ଼ିହୋଇ ଯାଇଛି ଯେ ପ୍ରଚଳିତ ପ୍ରବାଦ- ପ୍ରଥମେ ଚିନ୍ତା କରି ତାପରେ କଥା କୁହ-ର ଠିକ୍ ଓଲଟା ସେ କରୁଛନ୍ତି। ଅର୍ଥାତ ଯେକୌଣସି କଥା ତାଙ୍କ ମୁଣ୍ଡରେ ପଶିଲା, ତାକୁ ଆଗ ପ୍ରକାଶ କରି ଦେଉଛନ୍ତି, ଆଉ ଯଦି ତାର ସମାଲୋଚନା ହେଲା, ତା'ପରେ ସେ ଚିନ୍ତା କରୁଛନ୍ତି ଯେ ସେ ଯାହା କହିଛନ୍ତି, ତାର ପରିଣତି ସୁଖଦ ନୁହେଁ। ନିକଟରେ ପୁଣିଥରେ ସେ ଏମିତି କଥାଟିଏ କହିଛନ୍ତି- ଗୁଜରାଟୀ ଏବଂ ରାଜସ୍ଥାନୀମାନଙ୍କୁ ଯଦି ମହାରାଷ୍ଟ୍ରରୁ ବାହାର କରି ଦିଆଯାଏ ତା'ହେଲେ ମରାଠୀ ଲୋକମାନଙ୍କ ନିକଟରେ ଅର୍ଥ ରହିବ ନାହିଁ ଏବଂ ମୁମ୍ବାଇ ଦେଶର ଅର୍ଥନୀତିକ ରାଜଧାନୀ ବୋଲାଇବାର ମର୍ଯ୍ୟାଦା ହରାଇବ। କହିବା ବାହୁଲ୍ୟ, ଏକ ଦେଶ, ଯେଉଁଠି ଅର୍ଥନୀତିକ ଗୁଣିତକ ଭାବରେ ସ୍ଥାନାନ୍ତରଣ/ପ୍ରବାସ ଗମନ ଏବଂ ଭାଷାଗତ / ସାମ୍ପ୍ରଦାୟିକ ଉତ୍ତେଜନାଗୁଡ଼ିକ ସବୁବେଳେ ବିଦ୍ୟମାନ ଥିବା ଉପାଦାନ, ସେ ଦେଶରେ ତାଙ୍କର ଏଭଳି ମନ୍ତବ୍ୟ ମାଠିଆର ପାଣିକୁ ଚହଲାଇ ଦେବାକୁ ଯଥେଷ୍ଟ। ସ୍ୱାଭାବିକ ଭାବରେ ତେଣୁ କୋଶିୟାରୀଙ୍କ କଥା ସିନ୍ଦେ ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। ତେବେ ତା'ଠୁ ବଡ଼କଥା ହେଉଛି, କୋଶିୟାରୀଙ୍କର ଏହି ମନ୍ତବ୍ୟ ଆଂଚଳିକତା ଭିତ୍ତିରେ ଧ୍ରୁବୀକରଣର କାରଣ ପାଲଟିବାର ସମ୍ଭାବନା ବହନ କରୁଛି। ମହାରାଷ୍ଟ୍ରର ମ୍ୟୁନିସିପାଲଟି ନିର୍ବାଚନଗୁଡ଼ିକରେ, ବିଶେଷକରି ମୁମ୍ବାଇ ଏବଂ ଏହାର ପଡ଼ୋଶୀ ଥାନେ ସହରରେ 'ମରାଠୀ ଗୌରବ' ଏବଂ 'ମାଟିର ମଣିଷ' ପ୍ରସଙ୍ଗଗୁଡ଼ିକ ଏବ ବଡ଼ ଭୂମିକା ନିର୍ବାହ କରି ଆସିଛି। ମୁଖ୍ୟତଃ 'ମାଟିର ମଣିଷ'ମାନଙ୍କ ସୁରକ୍ଷା ପ୍ରଦାନକାରୀ ଭାବରେ ଶିବସେନା ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏ ଦୁଇ ମ୍ୟୁନିସିପାଲଟିକୁ ନିଜ ନିୟନ୍ତ୍ରଣରେ ରଖି ଆସିଛି। ଆଉ ମାତ୍ର ଅଳ୍ପ କେତେ ମାସ ଭିତରେ ରାଜ୍ୟର ସମସ୍ତ ସ୍ଥାନୀୟ ସଂସ୍ଥାମାନଙ୍କର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ରାଜ୍ୟପାଳଙ୍କ ମନ୍ତବ୍ୟ ଶିବସେନା ଏବଂ ଏହାର ମେଂଟ ଦଳମାନଙ୍କ ପରିବର୍ତ୍ତେ ବିଜେପିକୁ ଆଗରେ ରଖିବା ପାଇଁ ଉଦ୍ଦିଷ୍ଟ ବୋଲି କହିବାରେ କ୍ୱଚିତ୍ ଦ୍ୱିମତ ରହିବ। ତେଣୁ ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ସିନ୍ଦେ ଏବଂ ବିଜେପିକୁ ବିବାଦ ଭିତରକୁ ଟାଣିବା ଓ ସେମାନଙ୍କ ବିରୋଧରେ ମୁମ୍ବାଇକୁ ମହାରାଷ୍ଟ୍ରଠାରୁ ଅଲଗା କରିବାକୁ ଇଚ୍ଛା କରୁଥିବାର ଅଭିଯୋଗ ଉଠାଇବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କୋଶିୟାରୀଙ୍କ ସଦ୍ୟତମ ମନ୍ତବ୍ୟ ହୁଏତ ମହାରାଷ୍ଟ୍ରରେ ପୂର୍ବାପେକ୍ଷା ଅଧିକ ଉତ୍ତେଜନା ସୃଷ୍ଟି କରିବାରେ ସମର୍ଥ ହୋଇଛି। ତେବେ ପୂର୍ବରୁ ମଧ୍ୟ, ଅର୍ଥାତ ଚଳିତବର୍ଷ ପ୍ରାରମ୍ଭରେ ସାବିତ୍ରୀବାଈ ଫୁଲେ ଏବଂ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଉପରେ ତାଙ୍କର ମନ୍ତବ୍ୟ ପରିସ୍ଥିତିରେ ବଡ଼ ଧରଣର ହଲଚଲ୍ ସୃଷ୍ଟି କରିଥିଲା। ପୁନେରେ ସାବିତ୍ରୀବାଈ ଫୁଲେଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାବେଳେ ସେ କହିଥିଲେ, 'ସାବିତ୍ରୀବାଈ ମାତ୍ର ଦଶ ବର୍ଷ ବୟସର ହୋଇଥିବାବେଳେ ବିବାହ କରିଥିଲେ.... ଏବଂ ତାଙ୍କ ସ୍ୱାମୀ ଜ୍ୟୋତିବା ମାତ୍ର ତେର ବର୍ଷ ବୟସର ଥିଲେ। ଏବେ ଭାବନ୍ତୁ ତ ଦେଖି ଏ ବୟସରେ ବିବାହ ପରେ ଏଇ ପୁଅ ଝିଅ ଦୁଇଜଣ କଣ କରିଥିବେ? ଚଳିତବର୍ଷ ଫେବୃଆରୀ ମାସରେ ମଧ୍ୟ ତାଙ୍କୁ ମରାଠା ସଂଗଠନ ଦ୍ୱାରା ଗଭୀର ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା, କାରଣ ସେ କହିଥିଲେ, 'ସମର୍ଥ ରାମଦାସ ଯଦି ନଥାନ୍ତେ, ତା'ହେଲେ ଛତ୍ରପତି ଶିବାଜୀ ମହାରାଜଙ୍କୁ କିଏ ବା କାହିଁକି ପଚାରିଥାନ୍ତା?

## ଇତିହାସ ଆଢୁଆଳର ନାୟକ



ଦିଲ୍ଲୀପ କୁମାର ସାହୁ

### ଆଜାଦି କି ଅମୃତ ମହୋତ୍ସବ ପାଇଁ...

ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ପାଳନ କରୁଛି ଆଜାଦି କି ଅମୃତ ମହୋତ୍ସବ। ଇଂରେଜ ମାନେ ସବୁଠୁ ଶେଷରେ ୧୮୦୩ ମସିହାରେ ଆମ ରାଜ୍ୟକୁ ଅଧିକାର କରିଥିଲେ, ଯାହାର ମୂକସାକ୍ଷୀ ଦେଶର ଶେଷ ସ୍ୱାଧୀନ ଦୁର୍ଗ ଖୋରଧା ଗଡ । ଇଂରେଜମାନେ ଓଡିଶାକୁ ଶେଷରେ ଅଧିକାର କଲେ ସିନା, ଦେଶରୁ ସେମାନଙ୍କୁ ତଡିବାପାଇଁ ପ୍ରଥମେ ସଂଗ୍ରାମ ଆରମ୍ଭ ହୋଇଥିଲା ଓଡିଶାରୁ, ଯାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କହିଲେ ଅତ୍ୟୁକ୍ତି ହେବନାହିଁ। ସେହି ସଂଗ୍ରାମ ହେଲା ପାଇକ ବିଦ୍ରୋହ।

୧୮୧୭ ମସିହାରେ ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ସେହି ବିଦ୍ରୋହ । ବୀର ଓଡ଼ିଆ ପାଇକମାନେ ସେମାନଙ୍କର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ଓଡ଼ିଶା ମାଟିରୁ ଫିରିଙ୍ଗି ଶାସକମାନଙ୍କୁ ହଟାଇବା ନିମନ୍ତେ ପ୍ରାଣପଣେ ଚେଷ୍ଟା କରିଥିଲେ । ବିଦ୍ରୋହ ପ୍ରାୟ ଦୁଇବର୍ଷ ଧରି ଚାଲୁ ରହିଥିଲା । କିନ୍ତୁ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଇଂରେଜ ସୈନିକ ମାନଙ୍କୁ ପୁରୁଣାକାଳିଆ ହାତ ହତିଆର ଧରି ଓଡ଼ିଆ ପାଇକମାନେ ସାମ୍ନା କରିବା ସହଜ ହେଲାନାହିଁ। ଅନେକ ପାଇକ ଓ ପାଇକ ସର୍ଦ୍ଦାର ମୃତ୍ୟୁବରଣ କଲେ । ଯେଉଁମାନେ ଧରାପଡିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ କଳାପାଣି ଦଣ୍ଡ ଭୋଗିବାକୁ ପଡ଼ିଲା । ଜଣେ ବିଶ୍ୱାସଘାତକଙ୍କ ଯୋଗୁ ବକ୍ସି ଜଗବନ୍ଧୁ ଧରା ପଡ଼ିଲେ । ୧୮୨୫ରୁ ୧୮୨୯ ଯାଏ ନଜରବନ୍ଦୀ ଭାବରେ ରହି ଶେଷନିଃଶ୍ୱାସ ତ୍ୟାଗ କଲେ । ବିଦ୍ରୋହ ବିଫଳ ହେଲା । ପାଇକ ବିଦ୍ରୋହ ପୂର୍ବରୁ ଇଂରେଜ ମାନଙ୍କ ବିରୁଦ୍ଧାଚରଣ କରି ସହିଦ ହୋଇଥିଲେ ଖୋରଧା ରାଜା, ଗଜପତି ମୁକୁନ୍ଦ ଦେବଙ୍କ ମନ୍ତ୍ରୀ ଜଇ ରାଜଗୁରୁ, ଯାହାଙ୍କ ଗୋଡ଼ ଦୁଇଟିକୁ ଗୋଟିଏ ବରଗଛ ର ଦୁଇଟି ଡାଳରେ ବାନ୍ଧି ମୁଣ୍ଡ ତଳକୁ କରି ଝୁଲାଇ ଦିଆଗଲା । ଫଳରେ ଦୁଇ ଭାଗରେ ଚିରି ହୋଇ ଯାଇଥିଲା ତାଙ୍କ ଶରୀର। ଏମିତି ଭାବରେ ନିର୍ମମ ହତ୍ୟାର ଶିକାର ହୋଇଥିଲେ ରାଜଗୁରୁ, ଯାହା ଭାରତ ଇତିହାସର ଏକ ବିରଳ ଓ ହୃଦୟ ବିଦାରକ ଘଟଣା । ପାଇକ ବିଦ୍ରୋହ ପରେ ମଧ ଅନେକ ସ୍ୱାଧୀନ ଚେତା ଓଡ଼ିଆ ବୀର ଇଂରେଜ ମାନଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରି କାରାବରଣ କରିଥିଲେ ବା ସହିଦ ହୋଇଥିଲେ। ସେମାନଙ୍କ ମଧରେ ପ୍ରମୁଖ ଦେଶପ୍ରେମୀ ମାନେ ହେଲେ ଖୋର୍ଦ୍ଧା ତାପଙ୍ଗ ଗଡର ଦଳବେହେରା ମାଧବ ରାଉତରାୟ, ଚିଲିକା କୂଳ ସ୍ଥିତ ବାଣପୁରର କୃତ୍ତିବାସ ପାଟ୍ଟଶାଣୀ ଓ ଭୁବନେଶ୍ୱର ନିକଟବର୍ତ୍ତୀ ଦାରୁଠେଙ୍ଗର ପିଣ୍ଡିକି ବାହୁବଳେନ୍ଦ୍ର ।

ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ପନ୍ଦରଜଣ ପ୍ରମୁଖ ସହଯୋଗୀଙ୍କ ମଧରୁ ଅନ୍ୟତମ ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର । ଇଂରେଜ ପିଆଦାମାନଙ୍କ ଅନ୍ୟାୟ ଅତ୍ୟାଚାରର ସେ ଥିଲେ ଘୋର୍ ବିରୋଧୀ । ପାଇକ ବିଦ୍ରୋହକୁ ଇଂରେଜମାନେ ଦମନ କରିବା ପରେ ପିଣ୍ଡିକି ବଣ ଜଙ୍ଗଲରେ ଲୁଚି ବୁଲୁଥିଲେ ଓ ସୁଯୋଗ ମିଳିଲେ ଇଂରେଜ ସରକାରଙ୍କ ପିଆଦା, ସୈନିକ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ହତ୍ୟା କରୁଥିଲେ । ତାଙ୍କ ନାଁ ଶୁଣିଲେ ସରକାରୀ ଲୋକଙ୍କ ମନରେ ଛାନିଆ ପସିଯାଉଥିଲା । ସେ ଥିଲେ ଖୁବ୍ ବଳବାନ। କୁହାଯାଏ ତାଙ୍କ ଦେହରେ ଥିଲା ସାତ ସିଂହର ବଳ। ତେଣୁ ତାଙ୍କୁ ଧରିବା ମଧ ସହଜ ନଥିଲା। ସେହି ସମୟରେ ଇଂରେଜ ଶିବିର ପକ୍ଷରୁ ପିଣ୍ଡିକିଙ୍କ ଜଣେ ଅତି ଘନିଷ୍ଠ ବନ୍ଧୁଙ୍କୁ ପ୍ରଚୁର ଅର୍ଥର ଲୋଭ ଦେଖାଇବା ଫଳରେ ସେ ଭାଙ୍ଗ ସହ ଦୁଦୁରା ମଞ୍ଜିବାଟି ପିଣ୍ଡିକିଙ୍କୁ ପିଆଇ ଦେଲେ ଅଧିକ ନିଶା ହୋଇଯିବା ଯୋଗୁ ଗଭୀର ନିଦରେ ସେ ଶୋଇ ପଡିଲେ। ଲୁଚିରହିଥିବା ପିଆଦାମାନେ ତାଙ୍କୁ ବାନ୍ଧି ନେଇ ବାରବାଟି ଦୁର୍ଗ ରେ ଥିବା କାରାଗାରରେ ଭର୍ତ୍ତି କରିଦେଲେ । ସେଠାରୁ କୌଶଳକ୍ରମେ ସେ ଖସି ପଳାଉଥିବା ସମୟରେ ବାରଙ୍ଗ ନିକଟରେ ଇଂରେଜ ସୈନିକମାନେ ଚାରିପଟୁ ତାଙ୍କୁ ଘେରି ଯାଇଥିଲେ ଓ ତାଙ୍କ ଉପରେ ଗୁଳି ବର୍ଷା କରିଥିଲେ। ସେଇଠି ଟଳି ପଡ଼ିଥିଲେ ବୀର ପୁଙ୍ଗବ ପିଣ୍ଡିକି ବାହୁବଳେନ୍ଦ୍ର।

ଇଂରେଜମାନଙ୍କ ଅନ୍ୟାୟ ଭାବରେ ଖଜଣା ଆଦାୟକୁ ବିରୋଧ କରୁଥିଲେ ଖୋରଧା ତାପଙ୍ଗ ଗଡର ଦଳବେହେରା ମାଧବ ରାଉତରାୟ। ତାଙ୍କର ସାହସ ଓ ବୀରତ୍ୱ ଭୟରେ ଫିରିଙ୍ଗମାନେ ତାପଙ୍ଗଗଡ଼କୁ ପ୍ରବେଶ କରିପାରୁନଥିଲେ କି ଖଜଣା ଆଦାୟ କରିପାରୁନଥିଲେ । ଲୋକମାନେ ମାଧବ ରାଉତରାୟଙ୍କୁ ଦେବତା ପରି ମାନୁଥିଲେ। ମାଧବ ଚନ୍ଦ୍ର କେବଳ ଯେ ତାପଙ୍ଗଗଡ଼ର ଦଳବେହେରା ଥିଲେ ତାହା ନୁହେଁ; ସେ ଥିଲେ ସେଠାକାର ଦଶ ହଜାର ସୈନ୍ୟଙ୍କ ଉପରେ ନାୟକ।

ତାଙ୍କରି ସାହସରେ ଖଜଣା ଆଦାୟ କରିବାକୁ ଆସିଥିବା ଫିରିଙ୍ଗି ପିଆଦାଙ୍କୁ ଜଣେ ବୃଦ୍ଧା ପନିକି ରେ ହତ୍ୟା କରିଥିଲା । ଏହା ବ୍ରିଟିଶ ଶିବିରରେ ଶିହରଣ ସୃଷ୍ଟି କଲା ଓ ଦଳବେହେରାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରାଗଲା । ୧୯୨୭ ମସିହା ଜୁନ୍ ଶେଷ ସପ୍ତାହରେ ଚାରିଦିନ ଘମାଘୋଟ ଲଢେଇ ହେଲା।

ସେହି ସମୟରେ ଜଣେ କୁଚକ୍ରି ଲୋକ ଇଂରେଜମାନଙ୍କୁ ଦଳ ବେହେରାଙ୍କ ଗୁପ୍ତ ଅସ୍ତ୍ରାଗାରର ସନ୍ଧାନ ଦେଇଦେଲା । ଅସ୍ତ୍ରାଗାରର ସନ୍ଧାନ ପାଇ ଇଂରେଜ ସୈନିକ କୌଶଳରେ ତାହାକୁ ଧ୍ୱଂସ କରିଦେଲେ । ତାହା ଦଳବେହେରାଙ୍କ ପାଇକ ମାନଙ୍କୁ ଦୁର୍ବଳ କରିଦେଲା। ଫଳରେ ଲଢେଇ ଆପଣାଛାଏଁ ବନ୍ଦ ହୋଇଗଲା ସତ ଦଳବେହେରା କିନ୍ତୁ ଧରାପଡିଲେ ନାହିଁ। ସେ ବଣ ଜଙ୍ଗଲରେ ଲୁଚି ବୁଲିଲେ। ତେଣୁ ତାଙ୍କୁ ଧରାଇଦେବା ପାଇଁ ଇଂରେଜ ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷଣା କରାଗଲା। ସେତେବେଳେ ଡଙ୍ଗା ବାହି ପେଟ ପୋଷୁଥିବା ଜଣେ ନାବିକର ଡଙ୍ଗାଟି ବୁଡିଯିବାରୁ ସେ ବେସାହାରା ହୋଇଯାଇଥିଲା । ତେଣୁ କିଛି ସାହାଯ୍ୟ ପାଇଁ ସେ ଦଳବେହେରାଙ୍କ ପାଖକୁ ଆସୁଥିଲାବେଳେ ଛଦ୍ମବେଶରେ ବୁଲୁଥିବା ମାଧବ ରାଉତରାୟ ସେହି ନାବିକଙ୍କୁ ନେଇ ଖୋର୍ଦ୍ଧାରେ ଥିବା ସରକାରୀ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ନିଜେ ନିଜକୁ ଧରେଇ ଦେଇ ସେହି ନାବିକକୁ ପୁରସ୍କାର ଅର୍ଥ ଦେବାପାଇଁ ଅନୁରୋଧ କରିଥିଲେ। ଦଳବେହେରା କାରାବରଣ କରିଥିଲେ ସତ ତାଙ୍କ ବଡପଣ କିନ୍ତୁ ବ୍ରିଟିଶ ଅଫିସରମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥିଲା।

ଚିଲିକା କୂଳ ନିକଟବର୍ତ୍ତୀ ବାଣପୁର ଅଡଙ୍ଗ ଗଡର ଦଳବେହେରା ଥିଲେ କୃତ୍ତିବାସ ପାଟ୍ଟଶାଣୀ। ସେତେବେଳେ ସେ ଇସ୍ତରେଜ ସରକାରଙ୍କ ଅତ୍ୟଧିକ ଭୂକର ଓ ଲୁଣ ଟିକସକୁ ବିରୋଧ କରୁଥିଲେ । କୃତିବାସ ଛୋଟ ବେଳୁ ପାଇକ ବିଦ୍ରୋହର ଇତିହାସ ମଧ ଶୁଣି ଆସୁଥିଲେ । ତେଣୁ ଇଂରେଜମାନଙ୍କୁ ସେ ଖୁବ୍ ଘୃଣା କରୁଥିଲେ ଓ ରାଜ୍ୟରୁ ବିତାଡ଼ିତ କରିବା ପାଇଁ ସବୁବେଳେ ଚିନ୍ତା କରୁଥିଲେ । ଏକତା ହିଁ ବଳ । ଏହି କଥାକୁ ଆଖି ଆଗରେ ରଖି ସରକାର ବିରୁଦ୍ଧରେ ସବୁ ପାଇକମାନେ ସଙ୍ଘବଧ ହୋଇ ଲଢିବା ପାଇଁ ସେ ଯୋଜନା ପ୍ରସ୍ତୁତ କଲେ । କୃତ୍ତିବାସଙ୍କ ନେତୃତ୍ୱରେ ଏକାଠି ହୋଇ ପାଇକମାନେ ପ୍ରଥମେ ବାଣପୁର ଥାନା ଅଧିକାର କରିଥିଲେ । ସେଠାରେ ଥିବା ସିପାହୀମାନେ ପ୍ରାଣବିକଳରେ ସ୍ଥାନ ଛାଡି ପଳାଇଥିଲେ । ଏହାପରେ ପାଇକମାନେ ଥାନା ମଧରେ ଥିବା ଧନସମ୍ପତି ଲୁଟ କରିବା ସହ କାଗଜପତ୍ର ପୋଡ଼ିଦେଇଥିଲେ ।ଆଖି ପିଛୁଳାକେ ଖୋର୍ଦ୍ଧାର ଇସ୍ତରେଜ ଶିବିରରେ ଖବର ପହଞ୍ଚିଗଲା । ପାଇକମାନଙ୍କୁ ଦମନ କରିବା ପାଇଁ ଖୋର୍ଦ୍ଧାରୁ ଅଧିକ ସିପାହୀ ଆସି ପହଞ୍ଚିଗଲେ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିବା ସତ୍ତ୍ୱେ ସିପାହୀମାନେ ପାଇକମାନଙ୍କ ନିକଟରେ ପରାସ୍ତ ହୋଇଥିଲେ । ଏହାପରେ ଜୁନ ୪ ତାରିଖଦିନ ବାଣପୁରକୁ ଏକ ସ୍ୱାଧୀନ ରାଜ୍ୟ ଭାବରେ ଘୋଷଣା କରାଗଲା। କିନ୍ତୁ କିଛି ସ୍ଥାନୀୟ ବ୍ୟବସାୟୀ, ସେମାନଙ୍କ ବ୍ୟବସାୟ କ୍ଷତିଗ୍ରସ୍ତ ହେବ ଆଶଙ୍କା କରି ପାଇକ ମାନଙ୍କ ସହିତ କପଟ ଆଚରଣ କରିଥିଲେ ।ସାହାଯ୍ୟ କରିବାର ଆଶାଦେଇ ଇଂରେଜ ଫଉଜ ହାତରେ ସେମାନଙ୍କୁ ଧରାଇ ଦେଇଥିଲେ। ହେଲେ କୃତ୍ତିବାସ କୌଶଳକ୍ରମେ ଆସି ଯାଇଥିଲେ। ତେଣେ କିନ୍ତୁ ନିଜ ଶ୍ୱଶୁରଙ୍କ ବିଶ୍ୱାସଘାତକତା ଯୋଗୁଁ ସେ ଇଂରେଜ ସୈନିକଙ୍କ ହାତରେ ଧରାପଡିଥିଲେ ଓ ଆଣ୍ଡମାନ ନିକୋବର ସେଲୁଲାର୍ ଜେଲ୍ ରେ କାରାବାସ ଭୋଗୀ ମୃତ୍ୟୁ ବରଣ କରିଥିଲେ।

ପାଇକ ବିଦ୍ରୋହର ପ୍ରାୟ ଚାରି ଦଶନ୍ଧି ପରେ ଆରମ୍ଭ ହୋଇଥିଲା ସିପାହୀ ବିଦ୍ରୋହ। ଇଷ୍ଟ ଇଣ୍ଡିଆ କମ୍ପାନୀ ଫୌଜରେ ଥିବା ଭାରତୀୟ ହିନ୍ଦୁ ଓ ମୁସଲମାନ ସିପାହୀ ମାନଙ୍କ ଅସନ୍ତୋଷରୁ ଆରମ୍ଭ ହୋଇଥିଲା ଏହି ବିଦ୍ରୋହ। ପରେ ଏହା ଏମିତି ଉଗ୍ରରୂପ ନେଲା ଯେ ଭାରତରେ କମ୍ପାନୀର ଶାସନ ଗାଦି ଟଳମଳ ହେବାକୁ ଲାଗିଲା। ସେହି ଆନ୍ଦୋଳନରେ ଦେଶୀୟ ରାଜା ମହାରାଜା ଓ ଜମିଦାରମାନେ ମଧ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ସିପାହୀ ବିଦ୍ରୋହର ଅନ୍ୟତମ ନାୟିକା ସାଜିଥିଲେ ଝାନ୍ସିର ରାଣୀ ଲକ୍ଷ୍ମୀ ବାଈ । ସେତେବେଳେ ତାଙ୍କର ପ୍ରମୁଖ ସହଯୋଗୀ ଥିଲେ ପୁରୀର ଓଡ଼ିଆ ବୀର ଚନ୍ଦନ ହଜୁରୀ। ଚାଖି ଖୁଣ୍ଟିଆ ଭାବରେ ଖ୍ୟାତ ସେହି ବୀର ଯୁବକଙ୍କ ଯୋଗୁ ସାଧାରଣ ଲୋକ ମଧ କମ୍ପାନୀ ସରକାରକୁ ବିରୋଧ କରିବା ଆରମ୍ଭ କରିଥିଲେ ଓ ସରକାରୀ ଲୋକଙ୍କୁ ସବୁଥିରେ ଅସହଯୋଗ କରୁଥିଲେ । ତାଙ୍କର ସେହି କମ୍ପାନୀ ସରକାର ବିରୋଧୀ କାର୍ଯ୍ୟ ପାଇଁ ଚନ୍ଦନ ହଜୁରୀଙ୍କୁ କଠିନ ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

ସିପାହୀ ବିଦ୍ରୋହରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ । ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ବ୍ରିଟିଶ ସରକାର ବିରୋଧରେ ସେ ବିଦ୍ରୋହ ଆରମ୍ଭ କରିଥିଲେ । ତାଙ୍କ ମୋଟ ଜୀବନ କାଳ ୭୫ ବର୍ଷ ମଧ୍ୟରୁ ୩୬ ବର୍ଷକାଳ ସେ କାରାଗାରରେ କାଟିଥିଲେ । ଏହା ସ୍ୱାଧୀନତା ସଂଗ୍ରାମୀଙ୍କ ଜେଲରେ ରହିବା ସମୟ ତୁଳନାରେ ସର୍ବାଧିକ ଥିଲା । ସେ ୧୮୨୭ ରୁ ୧୮୬୪ ମସିହା ଜାନୁଆରୀ ୨୩ ତାରଖ ପର୍ଯ୍ୟନ୍ତ ବିଦ୍ରୋହର ବହ୍ନିକୁ ପ୍ରଜ୍ଜ୍ୱଳତି କରି ରଖିଥିଲେ । ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ବ୍ରିଟିଶ୍ ଶାସକ ଓ ସୈନ୍ୟବାହିନୀକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । (କ୍ରମଶଃ)

ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର, କଟକ

## ପ୍ରକୃତିର ଅପରୂପ ଉପହାର- ସାଧବବୋହୂ

ବୈଷ୍ଣବ ମେହେର

ପ୍ରକୃତି ଏତେ ମନମୁଗ୍ଧକର ହେବାରେ ଛୋଟଛୋଟ ଗୁଳ୍ମଠାରୁ ଆରମ୍ଭ କରି ବିରାଟକାୟ ବଟବୃକ୍ଷ ଏବଂ ପିମ୍ପୁଡ଼ି ଠାରୁ ଆରମ୍ଭ କରି ବିଶାଳ ଜୀବ ହାତୀ ଯାଏଁ ସମସ୍ତଙ୍କର ଅବଦାନ ଅତୁଳନୀୟ । ସମୁଦ୍ରର ଉତ୍ତାଳ ତରଙ୍ଗ ଯେମିତି ହୃଦୟକୁ କିଣି ନିଏ ସାରୁପତ୍ରରେ ଢଳଢଳ ଜଳବିନ୍ଦୁ ର ଆକର୍ଷଣ ମଧ୍ୟ ସେତିକି ବିମୋହିତ କରେ । ଗଛଲତା, ନଦନଦୀ, ପାହାଡ଼ ଝରଣା, ପଶୁପକ୍ଷୀ, କୀଟପତଙ୍ଗ ଏସବୁ ତ ପ୍ରକୃତିର ଅମୂଲ୍ୟ ଉପହାର । ପ୍ରକୃତିର ନୈସର୍ଗିକ ଶୋଭାରାଜି ମଧ୍ୟରୁ ମୌସୁମୀର ପହିଲି ସ୍ପର୍ଶରେ, ଓଦା ମାଟିର ମହମହ ବାସନାରେ ଜନ୍ମ ନେଉଥିବା ଲାଲ ଟୁକୁଟୁକୁ ସାଧବ ବୋହୂର ଆକର୍ଷଣ ଖୁବ୍ ସତନ୍ତ୍ର । କେଡ଼େ ମନ୍ତ୍ର ମୁଗ୍ଧକର ସାଧବ ବୋହୂର ଅପରୂପ ଆଭା, କେଡ଼େ ସ୍ପର୍ଶକାତର ତାର ସୂକ୍ଷ୍ମ ଶରୀର, କେଡ଼େ ସରଳ, ନିଷ୍କପଟ ତାର ଆବିର୍ଭାବ ।

ପହିଲି ବର୍ଷା ଧରାପୃଷ୍ଠକୁ ଭିଜାଇ ଦେଲା ପରେ ପରେ ଏହି ସାଧବ ବୋହୂ ମାନେ କେଉଁଠି ଥାନ୍ତି କେଜାଣି ହଠାତ ସବୁଜିମା ଭରା ଘାସ ଗାଲିଚା ଉପରେ ଆବିର୍ଭାବ ହୁଅନ୍ତି । ସାଧବ ବୋହୂ ଆତ୍ମପ୍ରକାଶ କଲେ ସାଧାରଣତଃ ମୌସୁମୀ ଆସିଗଲା ବୋଲି ସମସ୍ତେ ନିଶ୍ଚିତ ହୋଇଯାନ୍ତି । ବିଶେଷ କରି ବର୍ଷାକୁ ଅନେଇ ରହିଥିବା ଚାଷୀଭାଇଙ୍କ ମନରେ ସାଧବ ବୋହୂକୁ ଦେଖିଲା ପରେ ଏକ ଆଶାର ପୁଲକ ଖେଳି ଯାଇଥାଏ । ସାଧବ ବୋହୂର ରଙ୍ଗ ଗାଢ଼ ନାଲି ରଙ୍ଗ ହୋଇଥିବା ବେଳେ ନୂଆ ବୋହୂ ଟିଏ ନାଲିପାଟ ଶାଢ଼ି ପିନ୍ଧି ଧିରେ ଧିରେ ଦାଣ୍ଡରେ ଚାଲୁଥିବା ଭଳି ପ୍ରତିୟମାନ ହୁଏ । ଏହି ଛୋଟ ପୋକଟି ଯେତିକି ଆକର୍ଷଣୀୟ ଲୋକଙ୍କ ମଧ୍ୟରେ ସେତିକି ଆଦରଣୀୟ ମଧ୍ୟ। ପ୍ରକୃତିର କେଉଁ କୋଣରୁ ଲାଲ ଟୁକୁଟୁକୁ ସାଧବ ବୋହୂ ମାନେ ମାଟି ଉପରକୁ ବାହାରି ଆସି ସବୁଜ ପ୍ରକୃତିକୁ ବହୁଗୁଣରେ ସଜାଇ ଦିଅନ୍ତି । ଏହି ଦୃଶ୍ୟ ପ୍ରକୃତି ପ୍ରେମୀଙ୍କୁ ଆନନ୍ଦିତ କରିବା ସହ କବି ଲେଖକ ମାନଙ୍କୁ ମଧ୍ୟ କରେ ଆକର୍ଷିତ ଓ ମନ୍ତ୍ରମୁଗ୍ଧ । ସାଧବ ବୋହୂକୁ ନେଇ କବି ସୁନ୍ଦର ଶବ୍ଦ ସର୍ଜନା କରୁଥିବା ବେଳେ ଚିତ୍ରଶିଳ୍ପୀର କାନଭାସରେ ଜୀବନ୍ତ ହୁଏ ସାଧବ ବୋହୂ ପରିବେଷ୍ଟିତ ଚିତ୍ରକଳ୍ପ।

ଅପରପକ୍ଷେ ବର୍ତ୍ତମାନର ଅସ୍ୱାଭାବିକ ପରିବେଶ ପ୍ରଦୁଷଣ ସାଧବ ବୋହୂର ଜୀବନ ପ୍ରତି ଆଣିଛି ଘୋର ବିପତ୍ତି । କାଁଭାଁ କେଉଁଠି ଛାଡ଼ିଦେଲେ ଏହି ସୁନ୍ଦର ଜୀବ ଗତ କିଛି ବର୍ଷ ହେଲା ଆଗ ଭଳି ଆଉ ଦେଖିବାକୁ ମିଳୁ ନାହିଁ । ପ୍ରକୃତିର ପ୍ରତିକୂଳ ସ୍ଥିତି ଯୋଗୁଁ ଅତିତରେ ଡାଇନୋସର ଭଳି ବଡ଼ ଜୀବର ବିଲୁପ୍ତ ଘଟିଥିବା ବେଳେ ସଂପ୍ରତି ଶାଗୁଣା, ଶଙ୍ଖଚିଲ, କାଠଚମ୍ପା, ବାଇଚଢ଼େଇ, ଘରଚଟିଆ ଭଳି ଅନେକ ଆକର୍ଷଣୀୟ ଉପକାରୀ ପକ୍ଷୀ ସହ ସମସ୍ତଙ୍କ ପ୍ରିୟ ସାଧବ ବୋହୂର ବଂଶ ଲୋପ ପାଉଥିବା ଆଦୌ ମଙ୍ଗଳକାରୀ ନୁହେଁ । ଅଧିକ ଉତ୍ପାଦନ ନିମନ୍ତେ ବୈଜ୍ଞାନିକ ପ୍ରଣାଳିରେ ଚାଷ କରିବାକୁ ଯାଇ ରାସାୟନିକ ସାର ଓ କୀଟନାଶକ ବିଷର ବହୁଳ ପ୍ରୟୋଗ ଦ୍ୱାରା ଏହାର ସିଧାସଳଖ କୁପ୍ରଭାବ ଏସବୁ ଜୀବଜଗତ ଉପରେ ପଡୁଥିବା ବିଶେଷଜ୍ଞ କହୁଛନ୍ତି । ଜଗତିକରଣ ନାଁରେ ମଣିଷ ନିଜର ସ୍ୱାର୍ଥସାଧନ ନିମିତ୍ତ ପରିବେଶର ବହୁବିଧ ଉପକାର କରୁଥିବା ନିରୀହ ପଶୁପକ୍ଷୀଙ୍କୁ ଅକାଳରେ ଧ୍ୱଂସ ମୁଖକୁ ଠେଲି ଦଉଛି । ଅପରପକ୍ଷେ ଏହା ହିଁ ମଣିଷ ସମାଜ ପାଇଁ କାଳ ହେଉଛି, ଏକଥା ସମସ୍ତେ ସମ୍ବେଦନଶୀଳତାର ସହ ବିଚାର କରିବାର ସମୟ ବର୍ତ୍ତମାନ ଆସିଯାଇଛି । ନ ହେଲେ ଆମକୁ ହିଁ ଅନେକ ବିପର୍ଯ୍ୟୟକୁ ସାମନା କରିବାକୁ ପଡୁଥିବ । କେତେକ ଅଂଚଳର ଲୋକେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଅନ୍ୟାନ୍ୟ ଗୁଳ୍ମ ସହ ସାଧବ ବୋହୂର ଶରୀରରୁ ବାହୁରୁଥିବା ଏକ ପ୍ରକାର ତୈଳକୁ ମିଶାଇ ଔଷଧ ପ୍ରସ୍ତୁତ କରିଥାନ୍ତି । ଏହି ଔଷଧ ତିଆରିରେ ସାଧବ ବୋହୂର ବ୍ୟାପକ ବ୍ୟବହାର ମଧ୍ୟଏହି ଜୀବ ଲୋପ ପାଇବାର ଅନ୍ୟ ଏକ କାରଣ ବୋଲି କୁହାଯାଇପାରେ । ଅନ୍ୟକ୍ଷରେ ପାଣିପାଗରେ ବିଷମତା କାରଣରୁ ଗତ କିଛି ବର୍ଷ ହେଲା ମୌସୁମୀରେ ଅନିୟମିତତା ଦେଖାଦେଇଛି କ୍ଷ ଫଳରେ ମୌସୁମିଜନିତ ଲଗାଣ ବର୍ଷା ହେଉନଥିବାରୁ ମଧ୍ୟ ସାଧବ ବୋହୂ ମାନେ ଅନୁକୂଳ ପରିବେଶ ପାଇ ପାରୁ ନାହାନ୍ତି । ତେଣୁ ସେମାନଙ୍କ ବଂଶ ବିସ୍ତାରରେ ବାଧକ ଦେଖା ଦେଉଛି । ସବୁଜ ପରିବେଶ କୁ ଯଦି ଏହି ମାତ୍ରାରେ ପ୍ରଦୁଷିତ କରି ଚାଲିଥିବା ତେବେ ଆଗାମୀ ପିଢ଼ିଙ୍କ ପାଇଁ ସାଧବ ବୋହୂ ଗୋଟିଏ ଇତିହାସ ପାଲଟିଯିବାର ସମ୍ଭାବନା ଦେଖା ଦେଉଛି । ସମୟ ପୂର୍ବରୁ ସମସ୍ତ ପ୍ରକୃତି ପ୍ରେମୀ ମଣିଷମାନଙ୍କୁ ସଚେତନ ହେବାକୁ ପଡ଼ିବ । ସାଧବ ବୋହୂ ପରି ନିରୀହ ଜୀବର ସୁରକ୍ଷା ନିମନ୍ତେ ପରିବେଶର ସ୍ୱାଭାବିକତାକୁ ଫେରାଇ ଆଣିବା ବର୍ତ୍ତମାନର ସବୁଠାରୁ ବଡ଼ ଆହ୍ୱାନ । ନଚେତ ଏହି ଲାଲ ଟୁକୁଟୁକୁ ସାଧବ ବୋହୂ ଥିରିଥିରି ଚାଲୁଥିବାର ଆଉ ଦେଖିବାକୁ ମିଳିବ ନାହିଁ କ୍ଷ ଡାଇନୋସର ଭଳି ଘରର କାନ୍ଥ ଟଙ୍ଗା ଚିତ୍ର ହୋଇଯିବା ପୂର୍ବରୁ ଆସନ୍ତୁ ଥରେ ସମସ୍ତେ ସାଧବ ବୋହୂର ସୁରକ୍ଷାର ଚିନ୍ତା କରିବା ।

+ ସିନାପାଲି, ନୂଆପଡ଼ା




### ଜୀବନ ଝାଞ୍ଜିରେ ବହୁଛି

ଦୁଷ୍ମନ୍ତ ବେହେରା

ମୁଁ ଜାଣି ନାହିଁ ମୋ ଜୀବନ
କଉ ଝାଞ୍ଜିରେ ବହୁଛି
ତଥାପି ଅପେକ୍ଷା ..

କରିଛି ସୁଖର ଆସର ପାଇଁ
କିଏ କହି ହସି ଦିଏ ମୋ
ଜଉବନ ଦେଖି ..

ଗରିବର ଝାଞ୍ଜି ବସାରେ
ଜୀବନ ଭୋକ ଯନ୍ତ୍ରଣା
ଚାହିଁ ବସିଛି ..

ସୁଖ ଆସର ପାଇଁ ମୋ
ଅକୁହା ସ୍ୱପ୍ନ ଉଇଁ ଉଇଁ
ତେଜି ଉଠୁଛି ..

ଦୁନିଆ ବାରଣ୍ଡାରେ ଜୀବନ
ଖୋଜୁଛି ସୁଖ ଅଢେଇକୁ ଦୁଃଖ
ଦିନର ସଉଦାରେ ..

ଜୀବନ ଛୁଇଁ ଛୁଇଁ ଶେଷ
ତଳ ପାହାଚରେ ଗଡି
ବିତି ଯାଉଛି ..

ଜୀବନ ଝାଞ୍ଜିର
ବଞ୍ଚିବା ବାହାନାରେ .....

ରାସୋଳ, ମୁଣ୍ଡିଆପଷି
ଢେଙ୍କାନାଳ
ମୋ : ୯୯୩୭୬୫୨୫୦୪

### ଗାଁ ଗାଁ ରେ ମଦ କୋଚିଆ

ସୁଶାନ୍ତ ରଣା

ଟଙ୍କାର ମୋହରେ ଗାଁ ନିଲାମ ହୁଏ
ବିକ୍ରି ହୁଏ ଏଠି ଇଜ୍ଜତ
ଶିକ୍ଷିତ ନାଆଁରେ କୁ- ସଂସ୍କାର ପୂର୍ଣ୍ଣ
ନଷ୍ଟ ହୁଏ ଭବିଷ୍ୟତ ।

ଗାଁ କୁ ମୋର ହେ ଆସନ୍ତି ଅତିଥି
କହନ୍ତି ଏକି ବ୍ୟପାର
ଉତ୍ତର ଦେବାକୁ ସାହସ ପାଏନି
ମଥା ନଏଁ ଆମ୍ଭଙ୍କର !!

କୁ-ପଥଗାମୀଙ୍କୁ ସୁ-ପଥ ବଦଳେ
କହୁଛେଁ ଏ ପଥ ଭଲ
ଆଗାମୀ ଭବିଷ୍ୟ କେଉଁ ପଥେ ଯିବେ
କେବେ କି ବିଚାର କଲ ?

ପର ଧନ ହରି ପର ଘର ଭାଙ୍ଗି
ସେ ଦେଉଳେ ନାହିଁ ଦିଅଁ
ସୁନ୍ଦର ଗାଆଁ ମୋ କୁ-ପଥେ ନ ଯାଉ
ବେଳ ହୁଁ ସତର୍କ ହୁଅ ।

ତେରେସିଂହା, ଜି. କଳାହାଣ୍ଡି
ମୋ: ୭୮୯୪୬୫୮୨୭୪

### ଅତିତ ଏମିତି ସ୍ମୃତିଟିଏ

ବୁବୁନ ବିଶ୍ୱାଳ

ଅତିତ ଏମିତି ଏକ ସ୍ମୃତି ଟିଏ ,
କେବେ କଲମର ମୁନରୁ
ଲୁହ ହୋଇ ଝରେ ,,
କେବେ ଜୀବନର ଦେହରେ
କାଳି ହୋଇ ମରେ ।
କେବେ ଅସରନ୍ତି ସ୍ୱପ୍ନ ହୋଇ
ଆଖି ତଳେ ବସେ ,
କେବେ ଯନ୍ତ୍ରଣାର କୋହ
ହୋଇ ହୃଦୟରେ ଭାଷେ ।
ଅତିତ ଏମିତି ଏକ ସ୍ମୃତିଟିଏ ,
କେବେ ନିଛାଟିଆ
ରାସ୍ତାରେ ମରିଚିକା ସାଥୀ ,,
କେବେ କଳଙ୍କିତ ଜହ୍ନ
ସାଥେ ଅସରନ୍ତି ରାତି ।
କେବେ ମନ୍ଦିରର ପାହାଚରେ
ଦୀପ ହୋଇ ଜଳେ ,
କେବେ ଦୂର ବଣେ ଅସ୍ତ ହୋଇ
ସଞ୍ଜ ପରି ଜଳେ ।
ଅତିତ ଏମିତି ଏକ ସ୍ମୃତିଟିଏ ,
କେବେ ଓଠ ତଳ ହସ
ହୋଇ ଅଧିରେ ଚମକେ ,,
କେବେ ମନ ତଳେ
କୋହ ହୋଇ ହୃଦୟରେ ବହକେ ।
କେବେ ମେଘ ହୋଇ
ଆକାଶରେ ଛାଇ ଦେଇଯାଏ ,
କେବେ ପୁଣି ନିଆଁ
ହୋଇ ମନକୁ ଜଳାଏ ।
ଅତିତ ଏମିତି ଏକ ସ୍ମୃତିଟିଏ ,
ଅତିତ ଏମିତି ଏକ ସ୍ମୃତିଟିଏ ।

+ ଜାଜଲ୍ୟଦେଇପୁର କଳାହାଣ୍ଡି
ମୋ ୯୯୩୭୭୮୫୦୯୦



### ତମେ କହୁଥିଲ

ଲକ୍ଷ୍ମୀଧର ସିଂ

ତମେ କହୁଥିଲ ଭାବର କଥା
ପ୍ରେମ ନଈ ଚହଲା ସୁଅରେ
ଭସେଇ ନେଉଥିଲ
ବହୁ ଦୂର ନିର୍ଜନ ଦ୍ୱୀପକୁ
ଯେଉଁଠି ଜହ୍ନ ଆଲୁଅରେ, ସାରା ରାତି
ମୁଁ ବେଶ କରି ଦଉଥିଲି
ମୋ ସପ୍ନ ମାନଙ୍କୁ
ତମେ ପୁଣି ମତେ
କୁଣ୍ଢେଇ ଧରି ଏକଲାରେ
କାନପାଖେ ଚୁପି ଚୁପି କହୁଥିଲ,
ଭଲ ପାଇବାର ଶବ୍ଦ କେତେ-
ମୁଁ ତମର ନିବିଡ଼ ସମ୍ପର୍କ: ନିଶ୍ୱାସ
ମୋ ବିନା ତମେ ଦୂର
ଦିଗବଳୟର ଏକଲା ତାଳଗଛ
ଏମିତି ଆହୁରି କେତେ ମନ ଭୁଲା କଥା
ମୁଁ ତ ମୋ ଇଚ୍ଛା ମାନଙ୍କୁ
ତିଆର କରି ରଖିଥିଲି
ତମ ହାତ ଧରି ଚାଲିବାକୁ
ମୋ ଆୟୁଷର ଶେଷ ନିଶ୍ୱାସ ଯାଏଁ
ତମେ କିନ୍ତୁ ହଠାତ
ବଦଳି ଗଲ ସେଦିନ
ସକାଳର ପାଗ ଦ୍ୱିପହରକୁ
ବଦଳିଲା ପରି
ମୋ ବିଶ୍ୱାସର କାଚ ଝରକାକୁ
ପଥର ମାରି
ଏତେଦିନେ ଜାଣିଲି ଏତେଦିନ ଧରି
ତମେ କେବଳ ମତେ
ମିଛ କହି ଚାଲିଥିଲ
ସାପକୁ କେଳା ବିନ ଶୁଣାଇଲା ପରି
କାହିଁ କୁହ ଏତେ ସରାଗରେ
ଏତେ କଥା କହୁଥିଲ
ଯଦି ଠକି ଚାଲି ଯିବାର ଥିଲା
ମତେ ଗୋଟାପଣ ତମର
କରିଦେବା ପରେ
ଯଦି ଠେଲିଦେବାର ଥିଲା ଚିର
ଅନ୍ଧାର ଗୁମ୍ଫାକୁ,
କାହିଁ କୁହ ତମେ କହୁଥିଲ
ଭଲ ପାଇବାର ଏତେ
ମଧୁର ଗପ ସବୁ ?

+ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ: ୬୩୭୦୦୨୬୮୦୫



# ଆଦର୍ଶ ମା'ର ପ୍ରକୃତ ସଂଜ୍ଞା



କେବଳ ଭାରତୀୟ ଲୋକଙ୍କ ଚିନ୍ତାଧାରା ନୁହେଁ, ବରଂ ପ୍ରମୁଖ ଅଗ୍ରଣୀ ରାଷ୍ଟ୍ରର ଉଚ୍ଚଶିକ୍ଷିତ ଲୋକଙ୍କ ମତ ମଧ୍ୟ ଏ ବାବଦରେ ସମାନ ଯେ ମା' ହିଁ ପିଲାଙ୍କ ଦାୟିତ୍ୱ ନେବା ସହ ଲାଳନପାଳନ କରିବ । ବାପାମାନେ ପ୍ରକୃତରେ ଏତେଟା ଦାୟିତ୍ୱବାନ ନୁହନ୍ତି, ୨୭% ରୁ ଅଧିକ ଲୋକ ଏକ ଯୁକ୍ତି ବାଢ଼ିଛନ୍ତି । ଏକବିଂଶ ଶତାବ୍ଦୀର ଚିତ୍ରପଟ ବଦଳିଛି, ଏବର ସମୟରେ ଉଭୟ ବାପା-ମା'ଙ୍କ ଭୂମିକା ପରିବର୍ତ୍ତନ ହୋଇଛି । ଅନେକ ବର୍ଗର ଲୋକ ଏହାକୁ ସହଜରେ ଗ୍ରହଣ କରୁନାହାନ୍ତି । ସତ, କିନ୍ତୁ ଯୁବବର୍ଗ ନିଜ ଦାୟିତ୍ୱରୁ ଓହରୁ ନାହାନ୍ତି ।

୨୦୧୦ ଘଟଣା । ଏକ ନାମୀ ମିଡିଆ କମ୍ପାନୀରେ ସାମ୍ବାଦିକ ଭାବେ କାର୍ଯ୍ୟରତା ୩୨ ବର୍ଷୀୟା ସୁନିତା ଜୈସ୍ୱାଲ । ବାପା-ମା'ଙ୍କର ଗେହ୍ଲା ଅଲିଅଳି ଝିଅ ପାଇଁ ସବୁଠୁ ମୁଖ୍ୟ ଥିଲା ତା କାର୍ଯ୍ୟାଳୟର କାମ । ଝିଅକୁ ଯେତେବେଳେ ୩୨ ପୂରିଲା, ପରିବାର ଲୋକେ ବ୍ୟତିବ୍ୟସ୍ତ ହେଲେ ହାତକୁ ଦି' ହାତ କରିବା ନିମନ୍ତେ ବିବାହ ନିମନ୍ତେ ଆଉ ବିଳମ୍ବ, କରିବା ଉଚିତ ନୁହେଁ ବୋଲି ସୁନିତାଙ୍କ ମା' ବ୍ୟତିବ୍ୟସ୍ତ ହେଲେ । ଶେଷରେ ଗୁରୁଜନଙ୍କ କଥା ମାନିଲେ ଓ ଦିଲ୍ଲୀରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ସହ ବିବାହ ପ୍ରସ୍ତାବ ଆଗେଇଲା । ଦୁହେଁ ପରସ୍ପରକୁ ଭେଟିବା ପରେ ବିବାହ କରିବାକୁ ସ୍ଥିର କଲେ । ମାତ୍ର ୨୦ଦିନ ଭିତରେ ବିବାହ ସମ୍ପନ୍ନ ହେଲା । ସୁନିତାଙ୍କ ଶାଶୂ ଚାହୁଁଥିଲେ ବୋହୂ ଏଥର ଚାକିରି ଛାଡ଼ି ଘରସଂସାରରେ ମନ ଦେଉ । ଏ ନିଷ୍ପତ୍ତିରେ କିନ୍ତୁ ଶ୍ୱଶୂର, ସ୍ୱାମୀ, ନଣନ୍ଦ କେହି ମଧ୍ୟ ଏକମତ ହୋଇନଥିଲେ । ସମସ୍ତେ ନୂଆ ବୋହୂକୁ ସ୍ୱାଧୀନତା ଦେଲେ ଯେ ସେ ନିଜ ଇଚ୍ଛାରେ ହିଁ ଯାହା କିଛି ବି ସ୍ଥିର କରିବ । ସୁନିତା ମଧ୍ୟ କର୍ମଜୀବୀ ବୋହୂ ହେବାକୁ ପସନ୍ଦ କଲେ । ବିବାହର ୪ବର୍ଷ ପରେ ସୁନିତାଙ୍କ ପ୍ରଥମ କନ୍ୟା ସନ୍ତାନ ଭୂମିଷ୍ଠ ହେଲା । ଘରେ ଖୁସିର ଲହରୀ ଖେଳିଗଲା । ମା ହେବା ପରେ ମଧ୍ୟ ସୁନିତା ସେହିପରି ଚାକିରି କରିଥାନ୍ତି । ବଡ଼ ଝିଅ ହେବାର ଅଢ଼େଇ ବର୍ଷ ପରେ ସୁନିତାଙ୍କ ଦ୍ୱିତୀୟ କନ୍ୟାର ଜନ୍ମ ହେଲା । ଠିକ୍ ସେହି ସମୟରେ ତାଙ୍କ ସ୍ୱାମୀଙ୍କର ଡେରାଡୁନ ବଦଳିହେଲା । ବାଧ ହୋଇ ସୁନିତା ଚାକିରି ଛାଡ଼ିଲେ ଓ ସ୍ୱାମୀ, ପିଲାଙ୍କୁ ନେଇ ଡେରାଡଠୁନ ସ୍ଥାନାନ୍ତର ହେଲେ । ମାତ୍ର ୨ସପ୍ତାହ ପରେ ସୁନିତା ଅବସାଦ ରୋଗରେ ଆକ୍ରାନ୍ତ ହେଲେ ଡାକ୍ତର ସ୍ୱାମୀ ଠିକ୍ ଠଉରାଇ ପାରିଲେ, କିନ୍ତୁ ସୁନିତା ମାନିବାକୁ ଆଦୌ ପ୍ରସ୍ତୁତ ନଥିଲେ। ସେ ଖୁବ୍ ଖୁସିରେ ଅଛନ୍ତି ବୋଲି ବାରମ୍ବାର ମିଛ ଅଭିନୟ କରୁଥାନ୍ତି । ଏ ଭିତରେ ଶାଶୂ-ଶ୍ୱଶୁର ଡେରାଡୁନ ବୁଲି ଆସିଲେ । ସେମାନେ ମଧ୍ୟ ବୋହୂର ମାନସିକ ସ୍ଥିତି ଠଉରାଇପାରିଲେ । ଆଉ ଆଗପଛ କିଛି ନବିଚାର କରି ସୁନିତାଙ୍କ ଶ୍ୱଶୁର ପରାମର୍ଶ ଦେଲେ ଯଥା ଶୀଘ୍ର ଦିଲ୍ଲୀ ଯାଇ ଚାକିରି କରିବା ନିମନ୍ତେ । କାରଣ ଡେରାଡୁନରେ ସୁନିତାଙ୍କୁ କୌଣସି ସୁଯୋଗ ମିଳୁନଥିଲା । ଶ୍ୱଶୁରଙ୍କ ଏଭଳି ନିଷ୍ପତ୍ତିକୁ ଘରର ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିଲେ, କିନ୍ତୁ ଶାଶୂ ବିରକ୍ତି ପ୍ରକାଶ କରିଥିଲେ । ସ୍ୱାମୀ, ଶ୍ୱଶୁରଙ୍କ ବାଧବାଧକତାରେ ତୁରନ୍ତ ସୁନିତା ଦିଲ୍ଲୀ ଆସି ପୁଣି କର୍ମକ୍ଷେତ୍ରରେ ଯୋଗ ଦେଇଛନ୍ତି । ଏବେ ଏକ ବିଜ୍ଞାପନ କମ୍ପାନୀର ଉଚ୍ଚ ପଦରେ କାର୍ଯ୍ୟରତ ସୁନିତା ଏକ ସାକ୍ଷାତକାରରେ କହିଛନ୍ତି, ଆଜିର ସମୟରେ ଲୋକଙ୍କ ଜୀବନଶୈଳୀ ଓ ଚିନ୍ତାଧାରା ଉଭୟ ବଦଳିଛି । ସେ ଜୋର ଦେଇ କହିପାରିବେ ସେ ମଧ୍ୟ ଜଣେ ଆଦର୍ଶ ମା । ସ୍ୱାମୀ ଓ ପିଲାଙ୍କଠାରୁ ଦୂରରେ ଅଛନ୍ତି ସତ, କିନ୍ତୁ ନିଜ ଦାୟିତ୍ୱକୁ ନେଇ ସେ ଖୁବ୍ ସଚେତନ । ଶ୍ୱଶୁର ଓ ସ୍ୱାମୀଙ୍କ ଚିନ୍ତାଧାରାକୁ ସୁନିତା ଖୁବ୍ ପ୍ରଶଂସା କରିବା ସହ ଅନ୍ୟ କର୍ମଜୀବୀ ମହିଳାଙ୍କୁ ମଧ୍ୟ ନିଜ ଉଦାହରଣ ଦେଇ ଉତ୍ସାହିତ କରିଛନ୍ତି ।

## ସରୀସୃପଙ୍କୁ ଉଦ୍ଧାର କରନ୍ତି ଅରୁଣିମା

ଝିଅମାନେ ଝିଟିପିଟି, ଅସରପାକୁ ଦେଖିଲେ ଭୟ କରିଯାଉଥିବା ବେଳେ ଘଡ଼ିଆଳ କୁମ୍ଭୀରକୁ ଧରିବା କଥା ସାଧାରଣ ଝିଅ କେବେ ଭାବିପାରିବେ ନାହିଁ । ହେଲେ, ଅରୁଣିମାଙ୍କ ପାଇଁ ଏହା ଖୁବ ସହଜ କଥା । ଏହା ମଧ୍ୟ ତାଙ୍କ ପସନ୍ଦର କାମ । ପାଣିଭିତରୁ ଘଡ଼ିଆଳ କୁମ୍ଭୀରକୁ ଉଦ୍ଧାର କରିବା କଥା ଶୁଣିଲେ ଅତି ବଳଶାଳୀ ବ୍ୟକ୍ତି ବି ଅଟକି ଯାଉଥିବା ବେଳେ ଏଣ୍ଡୁଅକୁ ଧରି ଆଣିବା ପରି ଅରୁଣିମା ସେମାନଙ୍କୁ ଉଦ୍ଧାର କରିଥାନ୍ତି । ଲକ୍ଷ୍ନୌର କୁକରେଇ ଘଡ଼ିଆଳ ପୁନର୍ବାସ କେନ୍ଦ୍ରରେ ପ୍ରାଜେକ୍ଟ-କୋଅର୍ଡିନେଟର ଭାବେ କାର୍ଯ୍ୟ କରୁଥିବା ଅରୁଣିମା ୬-୭ ବର୍ଷ ହେବ ଏପରି କାର୍ଯ୍ୟରେ ଲାଗିଛନ୍ତି । ସରୀସୃପମାନଙ୍କୁ ଉଦ୍ଧାର କରୁଥିବା ଦେଶର ପ୍ରଥମ ମହିଳା ହୋଇଛନ୍ତି ସେ । କୁମ୍ଭୀର ସହିତ ଡଲଫିନ, କଇଁଛ ଆଦି ଜଳଜୀବଙ୍କୁ ମଧ୍ୟ ଉଦ୍ଧାର କରୁଛନ୍ତି ।



## ଆଖିତଳ କଳାଦାଗର ଉପଚାର





କାମର ଚାପ ପଡ଼ିଲେ, ମାନସିକ ଚାପ ଅବା ବୟସାଧିକ୍ୟ କାରଣରୁ ହିଁ ମହିଳାଙ୍କ କ୍ଷେତ୍ରରେ ଆଖିତଳ କଳାଦାଗର ସମସ୍ୟା ଦେଖାଦେଇଥାଏ । ଏଥିରୁ ବର୍ତ୍ତିବାର ସରଳ ଉପାୟମାନ ହେଲା ନିୟମିତ ଭାବେ ଯୋଗ ଓ ପ୍ରାଣାୟମ କରିବା । ଏହା ସହ ଦୈନିକ ୧୦ ମିନିଟ୍ ପାଇଁ ଆଖି ଉପରେ ଗୋଲଗୋଲ କାଟି ରଖନ୍ତୁ । ସପ୍ତାହେ ଏପରି କଲେ ଫରକ୍ ଜାଣିପାରିବେ ।

ଆଳୁ ରସ ଓ ଗୋଲାପଜଳକୁ ମିଶାଇ ଆଖି ତଳ କଳାଦାଗରେ ଲଗାଇଲେ ମଧ୍ୟ ଏଇ ସମସ୍ୟାରୁ ଉକ୍ତି ପାଇପାରିବେ । ଖରାଦିନେ ନିୟମିତ ଆଖୁରସ, ତରଭୁଜ ରସ ପିଇଲେ ମଧ୍ୟ ଆଖି ତଳ କଳାଦାଗ ସମସ୍ୟା ଦୂର ହୋଇଥାଏ ।




## ଅଧିକ ପରିଚ୍ଛନ୍ନତା ବିପଦର କାରଣ !

ପିଲାବେଳେ ଆମେ ସ୍କୁଲରେ ପ୍ରଥମେ ପଢୁଥିଲୁ- ସଦାସର୍ବଦା ଘରେ ଓ ବାହାରେ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ। ଏବୁ ମଧ୍ୟରେ ଦୈନିକ ନିୟମିତ ସ୍ନାନ, ଦନ୍ତମଞ୍ଜନ, ଖାଦ୍ୟ ଗ୍ରହଣ ପୂର୍ବରୁ ଭଲକରି ହାତ ଧୋଇବା ଆଦି ଅନ୍ୟତମ। ଏସବୁ ବ୍ୟକ୍ତିଗତ ନିୟମକାନୁନ୍ ନ ମାନିଲେ ଆମ ସ୍ୱାସ୍ଥ୍ୟ ହାନି ହେବାର ଆଶଙ୍କା ରହିଛି।

ଛୋଟ ବେଳେ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ପୁଣି ଆଉ କାହା ଜୀବନରେ ଅଜଣା ବିପଦକୁ ଡାକିଆଣେ। ମାତ୍ରାଧିକ ପରିଷ୍କାର-ପରିଚ୍ଛନ୍ନ ରହିବାର ଅଭ୍ୟାସ ଆମ ଶରୀରକୁ ନିୟନ୍ତ୍ରିତ କରିବା ପରିବର୍ତ୍ତେ କେତେକ ଭୟଙ୍କର ରୋଗକୁ ନିମନ୍ତ୍ରଣ କରେ। ଏ ସମ୍ପର୍କରେ କାନାଡ଼ାର ଜଣେ ଗବେଷକ ବିସ୍ତୃତ ବିବରଣୀ ଦେଇଛନ୍ତି। ବୋଷ୍ଟନସ୍ଥିତ ଆମେରିକୀୟ ଆସୋସିଏସନ ଫର ଦି ଆଡ଼ଭାନ୍ସମେଣ୍ଟ୍ ଅଫ ସାଇନ୍ସ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ଏହି ଗବେଷକ ଜଣକ ନିଜ ଯୁକ୍ତି ସପକ୍ଷରେ ବିଭିନ୍ନ ନଥିପତ୍ର ପ୍ରେସ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ଯେ ପ୍ରଦୂଷଣ ଜନିତ ଅପରିଚ୍ଛନ୍ନତା ମଣିଷ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ। ତେବେ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ପରିବେଶରୁ ମଧ୍ୟ ନାନା ରୋଗ ଜାତହୁଏ। ଏହି ରୋଗ କବଳରେ ପଡ଼ି ସବୁଠୁଁ ବେଶୀ ଅସୁସ୍ଥ ହୋଇ ଶିଶୁମାନେ କଷ୍ଟ ଭୋଗିଥାନ୍ତି। ଏ ସମ୍ପର୍କରେ ସମୀକ୍ଷା କ୍ରମେ ଦେଖାଯାଇଛି ଯେ ଯେଉଁ ଶିଶୁମାନେ ନିୟମିତ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରୁଥାନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସାଧାରଣତଃ ଶ୍ୱାସ ରୋଗର ଶିକାର ହୋଇଥାନ୍ତି। 'ପିଟିୟା' ନାମକ ଏକ ଜୀବାଣୁ ଯୋଗୁ



ଶିଶୁମାନଙ୍କର ଶ୍ୱାସକଷ୍ଟ ବୃଦ୍ଧି ପାଇଥାଏ। ଏହି ଶ୍ୱାସରୋଧକାରୀ ବ୍ୟାକ୍ଟେରିଆଗୁଡ଼ିକ କିନ୍ତୁ ପରିଷ୍କାର-ପରିଚ୍ଛନ୍ନ ଜାଗା ଅଥବା ବିଶୁଦ୍ଧ ଜଳରେ ରହିଥାନ୍ତି। ଏହି ବ୍ୟାକ୍ଟେରିଆ ଗୁଡ଼ିକ ଶ୍ୱାସକଷ୍ଟ ବ୍ୟତୀତ ଅନନ୍ୟ ବହୁ ରୋଗରୁ ଶିଶୁମାନଙ୍କୁ ରୋଗମୁକ୍ତ କରି ବଞ୍ଚାଇ ରଖିଥାଏ। ଏଣୁ ସାମ୍ପ୍ରତିକ ସମୟ ଓ ସମାଜରେ କିଛି ମାତ୍ରାରେ ପ୍ରଦୂଷଣ ଅଥବା ଅପରିଚ୍ଛନ୍ନତା ମଧ୍ୟ ଜୀବନ ଧାରଣ ନିମନ୍ତେ ଖୁବ୍ ଆବଶ୍ୟକ ବୋଲି ଏହି ଗବେଷଣାଲବ୍ଧ ରିପୋର୍ଟରୁ ଜଣାପଡ଼ିଛି।

## ରୁପିରୁ ରକ୍ଷା ପାଇବାର ସରଳ ଉପାୟ

ଶୀତଦିନେ କେଶର ବିଭିନ୍ନ ସମସ୍ୟା ଦେଖାଦିଏ । ଯେପରି ପାଗ ଅଧିକ ଖଣ୍ଡା କାରଣରୁ କେଶ ଝଡ଼ା ବଢ଼େ । ଏହା ସହ କେଶରେ ରୁପି ସମସ୍ୟା ଦେଖାଦିଏ । ଏଥିରୁ ରକ୍ଷା ପାଇବାକୁ ହେଲେ ଘରୋଇ ଉପଚାର କରିବା ଜରୁରୀ ।

ଦିନେ ଛଡ଼ା ଦିନେ ଭଲ କମ୍ପାନୀର ଶ୍ୟାମ୍ପୁରେ କେଶ ସଫା କରନ୍ତୁ । ନିଜ ମୁଣ୍ଡ ପୋଛା ଟାୱେଲ, ତକିଆ ଅଲଗା ବ୍ୟବହାର କରିବା ଆବଶ୍ୟକ । ଏସବୁ ବାଦ ପ୍ରତି ୨ଦିନରେ ଥରେ କେଶ ମୂଳରେ ନଖଉଷୁମ ଶୁଦ୍ଧ ନଡ଼ିଆତେଲ ମାଲିସ କରିବା ଜରୁରୀ । ପାର୍ଲରରେ ମଧ୍ୟ 'ହଟ ହେୟାର ମସାଜ' ଓଜୋନ ଟ୍ରିଟ୍‌ମେଣ୍ଟ କରାଇବା କେଶ ପାଇଁ ଉପକାରୀ । ଅଭିଜ୍ଞ ବିଶେଷଜ୍ଞଙ୍କ ନିକଟରେ ଏଇ ଉପଚାର କରାଇବା କେଶ ପାଇଁ ଲାଭଦାୟକ ହୋଇଥାଏ ।

ଶୀତରେ ଅଧିକାଂଶ ଯୁବତୀ ଓ ମହିଳା କେଶ ସଫା କରନ୍ତି ନାହିଁ । ଏହା ମଧ୍ୟ ରୁପି ହେବାର ଅନ୍ୟତମ ମୁଖ୍ୟ କାରଣ ଅଟେ । କେଶ ସଫା ନିମନ୍ତେ ଉଷୁମ ନଖଷୁମ ପାଣି ଆଦୌ ବ୍ୟବହାର କରନ୍ତୁ ନାହିଁ । କିଛି କ୍ଷଣ ପାଇଁ ଯଦିଓ ଏହା ଆରାମ ଦିଏ, କିନ୍ତୁ ଏହା କାରଣରୁ କେଶ









ଦୁର୍ବଳ ହୋଇ ଝଡ଼େ । ଲେମ୍ବୁରସ ମାଲିସ କଲେ ମଧ୍ୟ ରୁପିରୁ ରକ୍ଷା ମିଳେ । ତେବେ ଏହାକୁ ସିଧାସଳଖ କେଶମୂଳରେ ନଲଗାଇ ବରଂ ସୋରିଷ ତେଲ ଅବା ଶୁଦ୍ଧ ନଡ଼ିଆ ତେଲରେ ଅଳ୍ପ ମିଶାଇ କେଶରେ ଲଗାଇ ପାରିବେ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଉଷୁମ, କିମ୍ବା ଗରମପାଣିରେ କେଶ ଧୋଇଲେ କେଶମୂଳ ତ୍ୱଚାର ତୈଳଗ୍ରନ୍ଥିରୁ ତେଲ ବାହାରେ ଓ ଏହା କାରଣରୁ ରୁପି ହୋଇଥାଏ । ଏଣୁ ଗରମ ପାଣିରେ ନଧୋଇ ବରଂ ଥଣ୍ଡା ପାଣିରେ କେଶକୁ ସପ୍ତାହରେ ୨-୩ଥର ଶ୍ୟାମ୍ପୁ କରି କଣ୍ଡିସନିଂ କରିବା ଉଚିତ ।



## ସୁସ୍ଥ ତଥା ଉତ୍ତମ ତ୍ୱଚା ନିମନ୍ତେ

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ନିୟମିତ ଭାବେ ତ୍ୱଚାକୁ କ୍ଲିନଜରରେ ପୋଛନ୍ତୁ । ଘରୋଇ ଭାବେ ମଧ୍ୟ ଏହାର ଉପଚାର କରିହେବ । ଯେପରି କଞ୍ଚା ଖିର ଓ ଦହି ସହାୟତାରେ ମଧ୍ୟ ତ୍ୱଚାକୁ ପରିଷ୍କାର କରିହେବ ।

♦ତ୍ୱଚାରେ ସକାଳ କିମ୍ବା ସନ୍ଧ୍ୟାରେ ଏକ ପ୍ୟାକ୍ ଲଗାଇବା ଉପକାରୀ । ପ୍ୟାକରେ ଅଲିଭ ତେଲ ନଚେତ ମହୁ ଅଳ୍ପ ପରିମାଣର ଉପଯୋଗ କରନ୍ତୁ । ଏହା ତ୍ୱଚାକୁ କୋମଳ କରିଥାଏ ।

♦ଏସବୁ ବାଦ ଆବଶ୍ୟକ ପରିମାଣରେ ପାଣି ପିଇବା ତ୍ୱଚା ପାଇଁ ଏକ ଉତ୍ତମ ଖୋରାକ । ସପ୍ତାହକୁ ୩-୪ ଥର ଅନ୍ତତଃ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ ।

♦ବ୍ରଣ କିମ୍ବା ଦାଗର ପ୍ରଥମେ ଘରୋଇ ଉପଚାର କରନ୍ତୁ । ଏହା କାମ ନ କଲେ ପରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଲଗାନ୍ତୁ ।

ବାହାରୁ ଆସିବାର କିଛି କ୍ଷଣ ପରେ ତ୍ୱଚାରେ ଥଣ୍ଡା ପାଣି ଛିଟା ମାରିବାର ଅଭ୍ୟାସ କରିବା ଉଚିତ । ଏହା ତ୍ୱଚାକୁ ସତେଜତା ପ୍ରଦାନ କରେ ।



# ବୋଲବମ୍ ଭକ୍ତଙ୍କ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ: ହିନ୍ଦୁ ଜାଗରଣ ମଂଚ

ଭୁବନେଶ୍ୱର,୨/୦୮ (ନି.ପ୍ର): ଭଦ୍ରକର ଗୁଜିଦରଡାର ଏକ ମସଜିଦ ସାମନାରେ ବୋଲବମ୍ବ ଭକ୍ତମାନଙ୍କ ଉପରେ ଯେଉଁପରି ଆକ୍ରମଣ ହୋଇଛି ତାହାକୁ ହିନ୍ଦୁ ଜାଗରଣ ମଂଚ, ଓଡିଶା ତରଫରୁ ଘୋର ନିନ୍ଦା କରାଯାଇଛି । ଏହି ଆକ୍ରମଣରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଂଚର ରାଜ୍ୟ ସଂଗଠନ ସଂପାଦକ ତନ୍ମୟ କୁମାର ଦାଶ ଏକ ପ୍ରେସ ବିବୃତିରେ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି । ସେ କହିଛନ୍ତି ଯେ, ବୋଲ ବମ୍ବ ଭକ୍ତମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦିଆଯାଉ । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏ ଘଟଣା ପ୍ରତି ଧ୍ୟାନ ଦିଅନ୍ତୁ, ରାଜ୍ୟସରକାର ଏ ବିଷୟକୁ ଗୁରୁତ୍ୱର ସହ ନେଇ ବିଚାର କରିବା ସହିତ ଆଗାମୀ ଦିନରେ ବୋଲବମ୍ବ ଭକ୍ତମାନଙ୍କୁ ସୁରକ୍ଷା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଦାଶ ଦାବି କରିଛନ୍ତି ।

# କେନ୍ଦ୍ରାପଡ଼ାର କାଇଁଚ ଶିଳ୍ପ କାରିଗରମାନଙ୍କ ପାଇଁ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୨/୦୮ (ନି.ପ୍ର): କେନ୍ଦ୍ରାପଡ଼ାର କାଇଁଚ ଶିଳ୍ପ କାରିଗରମାନଙ୍କ ପାଇଁ ଜୁଲାଇ ମାସରେ ମହିଳାମାନଙ୍କ 'ଦକ୍ଷତା ଏବଂ ଉଦ୍ୟୋଗ ବିକାଶ' ନିମନ୍ତେ ପ୍ରକଳ୍ପ 'ସଂକଳ୍ପ'ରେ କାରିଗରମାନଙ୍କ ପାଇଁ ପର୍ଯ୍ୟାୟକ୍ରମେ କର୍ମଶାଳାମାନ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ କୌଶଳ ଯଥା: ସଚେତନ ଉତ୍ପାଦନ ଓ ସ୍ଥିରତା, ବ୍ରାଣ୍ଡ ଫିଡ୍ ବ୍ୟାକ୍, ଗ୍ରାହକଙ୍କ ମତାମତ, ଆଧୁନିକ ଦିନର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଏବଂ ଟିକସ ଏବଂ ଦୈନନ୍ଦିନ ଆର୍ଥିକ ପରିଚାଳନାର ମୌଳିକ ବିଷୟ ଉପରେ କେନ୍ଦ୍ରିତ ଥିଲା । ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଂଟ ଅଧିନସ୍ଥ ସ୍କୁଲ ଅଫ୍ ସଷ୍ଟେନେବିଲିଟିର ଡିନ୍ ପ୍ରଫେସର (ଡ.) ସୁତପା ପତିଙ୍କ ଦ୍ୱାରା ସଚେତନ ଉତ୍ପାଦନ ଓ ସ୍ଥିରତା କର୍ମଶାଳା ତଥା ସ୍କୁଲ ଅଫ୍ କମର୍ସର ସହକାରୀ ପ୍ରଫେସର ଅଭିମନ୍ୟୁ ସାହୁଙ୍କ ଦ୍ୱାରା ଆର୍ଥିକ ବୁଝାମଣା କର୍ମଶାଳା ଯଥାକ୍ରମେ ପରିଚାଳନା କରାଯାଇଥିଲା । ବ୍ରାଣ୍ଡ ଫିଡ୍ ବ୍ୟାକ୍ ଏବଂ ପାରସ୍ପରିକ ଆଦାନପ୍ରଦାନ କର୍ମଶାଳାରେ ୬ଟି ଅଧିବେଶନ ହାତତିଆରି ସାମଗ୍ରୀର ଖୁଚୁରା ବ୍ୟବସାୟ କରୁଥିବା ୬ଟି ଭିନ୍ନ ଭିନ୍ନ ବ୍ରାଣ୍ଡ ସହିତ ପରିଚାଳିତ ହୋଇଥିଲା । ଏହି ୬ଟି ବ୍ରାଣ୍ଡ ସ୍ଥାନୀୟ ଏବଂ ଜାତୀୟସ୍ତରର ଯଥା: ଇକାଇ ଆସାଇ, କ୍ରାଫଟ କାଉନ୍‌ସିଲ୍ ଇଣ୍ଡିଆ, ଫିକ୍ସି ଫ୍ଲୋ, ଭିଂଟେଜ୍ ଭିଷ୍ଟାରା, ସିମ୍ପଲ୍ କ୍ରେଜି ଏବଂ ଡିଆରପି ଆର୍ଟଲାଇଫ୍ ଥିଲା । ଏହି ବର୍ଷରେ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା କର୍ମଶାଳାଗୁଡ଼ିକରେ ଇବାଣିଜ୍ୟ, ଖୁଚୁରା ଏବଂ ସାମାଜିକ ଗଣମାଧ୍ୟମ ଓ ଫୋନ୍ ଫଟୋଗ୍ରାଫି ଉପରେ ଧ୍ୟାନ ଦିଆଯିବ । 'ସ୍କିଲ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ପୂର୍ବରୁ ରହିଥିବା ଦକ୍ଷତା ପ୍ରଶିକ୍ଷଣ ପଦକ୍ଷେପଗୁଡ଼ିକୁ ଏକତ୍ର କରିବା ଏବଂ ପ୍ରଶିକ୍ଷଣ ପ୍ରଚେଷ୍ଟାର ପରିମାପ ଏବଂ ଗୁଣବତ୍ତାର ସମିଶ୍ରଣ ପାଇଁ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଦକ୍ଷତା ଆହରଣ ଏବଂ ଜୀବିକାର ଉନ୍ନତି ନିମନ୍ତେ ଜ୍ଞାନ ସଚେତନତା (ସଂକଳ୍ପ) ୨୦୧୮ ମସିହରେ ପ୍ରତିଷ୍ଠା କରାଯାଇଥିଲା । ସଂକଳ୍ପ କେନ୍ଦ୍ରାପଡ଼ା ପ୍ରକଳ୍ପଟି ୨୦୨୦ ମସିହା ନଭେମ୍ବର ମାସରେ ଆରମ୍ଭ ହୋଇଥିଲା, ଯାହା ଜାତୀୟ ଆଦେଶ ଅଧୀନସ୍ଥ ଏକ ପାଇଲଟ୍ ପ୍ରକଳ୍ପ । ଏହି ପ୍ରକଳ୍ପ ମାଧ୍ୟମରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ୩୦୦୦ରୁ ଊର୍ଦ୍ଧ୍ୱ ମହିଳା କାରିଗର ଉପକୃତ ହେବେ । ଏହି ପ୍ରକଳ୍ପର ପ୍ରଶିକ୍ଷଣ ଏବଂ କାର୍ଯ୍ୟକ୍ରମ କ୍ଷେତ୍ରଗୁଡ଼ିକ ଯଥା: ଶିଳ୍ପ ପ୍ରଶିକ୍ଷଣ, ନମୂନା ଏବଂ ଗୁଣାତ୍ମକ ପ୍ରଶିକ୍ଷଣ, ଉଦ୍ୟୋଗିକ ପ୍ରଶିକ୍ଷଣ, ବ୍ୟବହାରିକ କୌଶଳ ପ୍ରଶିକ୍ଷଣ, ବିପଣନ ବ୍ୟବସ୍ଥା, ବୈଷୟିକ ଜ୍ଞାନକୌଶଳ, ପ୍ରଦର୍ଶନ (ଏକ୍ସପୋଜର) ଏବଂ ଭିତିଭୂମି ଇତ୍ୟାଦିରେ ବିଭକ୍ତ କରାଯାଇଛି । କାରିଗରମାନେ ସେମାନଙ୍କର ସୋସିଆଲ୍ ମିଡିଆକୁ ବ୍ୟବହାର କରି ସ୍ୱ ଓଡ଼ିଶା ମାଧ୍ୟମରେ ତଥା ପ୍ରଦର୍ଶନୀ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ ମାଧ୍ୟମରେ ନିୟମିତ ଅର୍ଡର ଗ୍ରହଣ କରି ଆସୁଛନ୍ତି । କର୍ମଶାଳା ସମୟରେ ଶିଖାଯାଇଥିବା ସୂକ୍ଷ୍ମ କୌଶଳ କାରିଗରମାନଙ୍କୁ ସେମାନଙ୍କର ବଜାର ଚାହିଦା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେଉଛି ।

# ନ୍ୟୁଡ୍ ଭିଡିଓ କଲ୍‌ରୁ ୨୫ ଲକ୍ଷ ଟଙ୍କା ଠକେଇର ଶୀକାର ହେଲେ ଇଂଜିନିୟର

ଭୁବନେଶ୍ୱର,୨/୦୮ (ନି.ପ୍ର): ନାୟିକାଙ୍କ ସହ ନ୍ୟୁଡ୍ ଭିଡିଓ କଲ୍‌ରୁ ୨୫ ଲକ୍ଷ ଟଙ୍କାର ଠକାମୀର ଶୀକାର ହୋଇଛନ୍ତି ରାଜଧାନୀର ଜଣେ ଇଂଜିନିୟର । ଠକାମୀର ଶୀକାର ହୋଇଥିବା ବିଏସଏନଏଲ୍ ଇଞ୍ଜିନିୟର ଜଣକ ଏନେଇ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ନାୟିକା ଜଣକ ବିଏସ୍‌ଏନ୍‌ଏଲ୍ ଇଞ୍ଜିନିୟରଙ୍କ ପାଖକୁ ହ୍ୱାଟ୍ସଆପ୍ ରେ ହାଏ ଲେଖି ପଠାଇଥିଲେ । ଇଞ୍ଜିନିୟର ଜଣକ ଉକ୍ତ ଆକାଉଂଟକୁ ଯାଂଚ ନକରି ତାଙ୍କ ସହିତ ଭିଡିଓ ଚାଟ୍ କରିଥିଲେ । କଥାବାର୍ତ୍ତା କିଛି ସମୟ ପରେ ତାଙ୍କ ପାଖକୁ ଏକ ନଗ୍ନ ଭିଡିଓ ଆସିଥିଲେ । ସେଥିରେ ଇଞ୍ଜିନିୟରଙ୍କ ଭିଡିଓ ଚାଟ୍‌କୁ ଜଣେ ନାୟିକାଙ୍କ ନଗ୍ନ ଭିଡ଼ିଓ ସହିତ ଆଟାଚ୍ କରାଯାଇଥିବା ଦେଖିବାକୁ ମିଳିଥିଲା । ସେହି ଭିଡିଓ ଦେଖିବା ପରେ ଇଞ୍ଜିନିୟରଙ୍କ ଅକଲ ଗୁଡୁମ୍ ହୋଇ ଯାଇଥିଲା । ଲୋକ ଲଜ୍ୟା ଭୟରେ କାହାକୁ କିଛି ନକହି ଚୁପ୍ ରହିଥିଲେ । ତା'ପର ଦିନ ବିକ୍ରମ ରାଠୋର ନାଁରେ ଜଣେ ବ୍ୟକ୍ତି ତାଙ୍କ ପାଖକୁ କଲ୍ କରିଥିଲେ । ସେ ନିଜକୁ ସିବିଆଇ ଅଫିସର ପରିଚୟ ଦେଇଥିବା ବେଳେ ଘର ଦିଲ୍ଲୀରେ ବୋଲି ପରିଚୟ ଦେଇଥିଲେ । ଏହାପରେ ସେହି ନଗ୍ନ ଭିଡିଓ ଦେଖାଇ ଇଞ୍ଜିନିୟରଙ୍କୁ ବ୍ଲାକ୍ ମେଲ୍ କରିଥିଲେ । ଲୋକ ଲଜ୍ୟା ଭୟରେ ଇଞ୍ଜିନିୟର ଜଣକ ତାଙ୍କ ପାଖକୁ ଟଙ୍କା ପଠାଇଥିଲେ । ବିଭିନ୍ନ କିସ୍ତିରେ ଇଞ୍ଜିନିୟର ଜଣକ ୨୫ ଲକ୍ଷ ଟଙ୍କା ପଠାଇଥିବା ଜଣାପଡ଼ିଛି । ସାଇବର ଥାନା ପୋଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ଆଠମଲ୍ଲିକ ଗସ୍ତ

ଭୁବନେଶ୍ୱର,୨/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ କୁମାର ତ୍ରିପାଠୀ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଅଞ୍ଚଳ ଗସ୍ତ କରି ସେଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଛନ୍ତି । ଏଥି ସହିତ ସେ କେତେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ମଞ୍ଜୋରଠାରେ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ମଞ୍ଜୋର ଇକୋ-ପାର୍କର ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ ସେ ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଏହି ଇକୋ-ପାର୍କର ସ୍ଥାନୀୟ ଲୋକଙ୍କ ସାମାଜିକ-ଆର୍ଥିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ସହ ଆଗାମୀ ଦିନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ ହୋଇପାରିବ ବୋଲି କହିଥିଲେ । ଏହା ସ୍ଥାନୀୟ ଲୋକଙ୍କୁ ନୂଆ ଜୀବିକା ସୃଷ୍ଟିର ସୁଯୋଗ ପ୍ରଦାନ କରିବ । ଏହାପରେ ଶ୍ରୀ ତ୍ରିପାଠୀ ମଞ୍ଜୋରସ୍ଥିର ମଧ୍ୟମ ଜଳସେଚନ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ସାଏ, ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ, ଜିଲ୍ଲାପାଳ ଅନୁଗୋଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣଙ୍କ ଗହଣରେ ବୁଲି ଦେଖିଥିଲେ । ଏହା ପରେ ଶ୍ରୀ ତ୍ରିପାଠୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରଦତ୍ତ ଅର୍ଥରେ ନିର୍ମିତ କିଶୋର ନଗର ଯୁକ୍ତ-୩ ଡିଗ୍ରୀ ମହାବିଦ୍ୟାଳୟର ନବନିର୍ମିତ ଉପରମହଲା ଶ୍ରେଣୀ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ଆଠମଲ୍ଲିକ ଉପଖଣ୍ଡର ୩ଟି ମହାବିଦ୍ୟାଳୟ ଏବଂ ୧୩ଟି ଉଚ୍ଚବିଦ୍ୟାଳୟ ନାମରେ ପ୍ରସ୍ତୁତ ଜମିପଟ୍ଟା ସଂପୃକ୍ତ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିଲା । ସେ ମଧ୍ୟ ବ୍ଲକ୍ କାର୍ଯ୍ୟାଳୟ ଯାଇ ସେଠାରେ ଜନପ୍ରତିନିଧିମାନଙ୍କ ସହ ବାର୍ତ୍ତାଳାପ କହିଥିଲେ । ସ୍ଥାନୀୟ ପ୍ରତିନିଧିମାନଙ୍କଠାରୁ ସେ ଉଦ୍ୟାନ କୃଷି, କୃଷି, ପିସିକଲଚର ସଂପର୍କରେ ତଥ୍ୟ ସଂଗ୍ରହ କରି ଅଞ୍ଚଳରେ କୃଷି ପାଇଁ ସୁହାଇଲା ଭଳି ଶସ୍ୟ ଚିହ୍ନଟ କଲେ ଅଧିକ ଅମଳ ହେବା ସହ ଆର୍ଥିକ ବିକାଶ ହୋଇପାରିବ ବୋଲି କହିଥିଲେ ।

# କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର କର୍ମଚାରୀଙ୍କୁ ଫାଇନାଲ୍ ପେନ୍‌ସନ୍ ପ୍ରଦାନ

ଭୁବନେଶ୍ୱର,୨/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ୫-'ଟି' କାର୍ଯ୍ୟକ୍ରମ ଅନୁଯାୟୀ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁପାଳନ କରି ୨୦୨୨ ଜୁଲାଇ ୩୦ ତାରିଖରେ ଅବସର ଗ୍ରହଣ କରିଥିବା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ୧୨ ଜଣ କ୍ଷେତ୍ର କର୍ମଚାରୀଙ୍କୁ ସେମାନଙ୍କର ଅବସର ଦିନରେ ହିଁ ଫାଇନାଲ୍ ପେନ୍‌ସନ୍ ପ୍ରଦାନ କରାଯାଇଛି । କୋରାପୁଟ, ନୂଆପଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ନବରଙ୍ଗପୁର, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର ଏବଂ ଫୁଲବାଣୀ ଜିଲ୍ଲାର ଏଗ୍ରିକଲଚର ଓଭରସିଅର, ସିନିଅର ଷ୍ଟେନୋ, ଷ୍ଟାଟିଟିକାଲ୍ ଆସିଷ୍ଟାଂଟ ଆଦି କ୍ଷେତ୍ର କର୍ମଚାରୀ ଏଥିରେ ଅନ୍ତର୍ଭୁକ୍ତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କୃଷି ନିର୍ଦ୍ଦେଶାଳୟ ତରଫରୁ କର୍ମଚାରୀମାନଙ୍କୁ ଅବସର ଦିନ ଫାଇନାଲ୍ ପେନ୍‌ସନ୍ ପ୍ରଦାନ କାର୍ଯ୍ୟକ୍ରମ ଗତ ୨୦୨୨ ମାର୍ଚ୍ଚରୁ ଆରମ୍ଭ କରାଯାଇଛି । ମାତ୍ର ପ୍ରଥମ ଥର ପାଇଁ ଏତେ ସଂଖ୍ୟକ କ୍ଷେତ୍ର କର୍ମଚାରୀମାନଙ୍କୁ ଏଥିରେ ସାମିଲ କରାଯାଇପାରିଛି । କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଅତିରିକ୍ତ ନିର୍ଦ୍ଦେଶକ(ପ୍ରଶାସନ) ଜ୍ୟୋର୍ତିମୟୀ ପ୍ରଧାନ, ଏବଂ ପେନ୍‌ସନ୍ ବିଭାଗର ସମସ୍ତ କର୍ମଚାରୀ ଏବଂ ଅନ୍ୟ କର୍ମଚାରୀମାନଙ୍କ ଆନ୍ତରିକ ପ୍ରଚେଷ୍ଟା ଏବଂ ଉଦ୍ୟମ ଯୋଗୁଁ ଏଭଳି କାର୍ଯ୍ୟର ସଫଳ ରୂପାୟନ ହୋଇପାରିଛି ।

# ବିକେଏମ୍‌ୟୁର ପ୍ରତିବାଦ ଦିବସ ପାଳନ

ଭୁବନେଶ୍ୱର,୨/୦୮ (ନି.ପ୍ର): କ୍ଷେତ ମୂଲିଆମାନଙ୍କ ପାଇଁ କେନ୍ଦ୍ରୀୟ ଆଇନ, ପ୍ରତ୍ୟେକ ରାଜ୍ୟରେ କଲ୍ୟାଣ ବୋର୍ଡ଼ ଗଠନ, ଭୂମିହୀନଙ୍କୁ ଘରଡିହ, ବର୍ଷକୁ ୩୦୦ ଦିନର କାମ, ସର୍ବନିମ୍ନ ମଜୁରୀ ବୃଦ୍ଧି, ୫୫ ବର୍ଷରୁ ଉର୍ଦ୍ଧ୍ୱ କ୍ଷେତ ମୂଲିଆଙ୍କ ପାଇଁ ମାସିକ ୫ ହଜାର ଟଙ୍କା ପେନ୍‌ସନ୍ ପ୍ରଭୃତି ଦାବିରେ ଭାରତୀୟ କ୍ଷେତମଜଦୁର ୟୁନିୟନ୍ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ବିକ୍ଷୋଭ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଆଜି ପୂର୍ବାହ୍ନରେ ବିକେଏମ୍‌ୟୁର ଶତାଧିକ କର୍ମୀ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମାଷ୍ଟରକ୍ୟାଂଟିନ୍ ଛକ ନିକଟରେ ପହଂଚି ସେଠାରେ ମଧ୍ୟ ବିକ୍ଷୋଭ ଓ ଶୋଭାଯାତ୍ରା ସଂଗଠିତ କରିଥିଲେ । ସେଠାରେ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ - ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଶର ସବୁଠାରୁ ଗରିବ ମଣିଷ କ୍ଷେତ ମୂଲିଆଙ୍କ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସ୍ୱର୍ଣ୍ଣପ୍ରସୂ ଭାରତବର୍ଷର ସବୁଠାରୁ ଗରିବ ୧୦ କୋଟି କ୍ଷେତ ମୂଲିଆ ପରିବାର ଆଜି ଦିନକୁ ମାତ୍ର ୧୦ ଟଙ୍କାରେ ଚଳନ୍ତି ଏବଂ ସେମାନଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ମଧ୍ୟ ନାହିଁ । ଏହାପରେ ବିକ୍ଷୋଭକାରୀମାନେ ପୁଣି ରାଜମହଲ ଛକ ନିକଟକୁ ଶୋଭାଯାତ୍ରାରେ ଆସି ସେଠାରେ ରାସ୍ତାରୋକୋ ସଂଗଠିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସିପିଆଇ ଜିଲ୍ଲା ସହ-ସମ୍ପାଦକ ସତୀଶ ମିଶ୍ର, କ୍ଷେତ ମୂଲିଆ ନେତା ଶରତ ସ୍ୱାଇଁ, କୈଳାସ ପୁହାଣ, ନାରୀନେତ୍ରୀ ମଞ୍ଜୁ ଭୋଇ, ଡାକ ହେମ୍ବ୍ରମ୍, ନାନିକା ମୁଣ୍ଡା, ଭାରତ ପାଣିଗ୍ରାହୀ, ଦେବ ସାହୁ, ପଞ୍ଚାନନ ସାହୁ, ଶଙ୍କର ବାରିକ ଓ ଅଶୋକ ବାରିକ ପ୍ରମୁଖ ଏହି ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ବିଭିନ୍ନ ସମସ୍ୟା ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ରାସ୍ତାରୋକ

ଭୁବନେଶ୍ୱର,୨/୦୮ (ନି.ପ୍ର): ୨୦୩ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ସମସ୍ୟାକୁ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ସୋମବାର ପାଣ୍ଡରା ଛକଠାରେ ରାସ୍ତାରୋକ କରାଯାଇଥିଲା ।

୨୦୩ ନମ୍ବର ଜାତୀୟ ରାଜପଥ ତଥା ପୁରୀ ବାଇପାସ ରୋଡ଼ ବର୍ତ୍ତମାନ ସବୁଠାରୁ ଏକ ବ୍ୟସ୍ତବହୁଳ ରାଜପଥ ରୂପେ ପରିଗଣିତ । ପ୍ରତିଦିନ ଲକ୍ଷାଧିକ ଯାନବାହାନ ଚଳାଚଳ କରୁଛି । ସପ୍ତସତି ମନ୍ଦିର ଠାରୁ ଆରମ୍ଭ କରି ଦୟାନଦୀ ଶିଶୁପାଳ ଛକ ପର୍ଯ୍ୟନ୍ତ ଏହି ରାସ୍ତାରେ ଦିନରେ ଏବଂ ରାତିରେ ରାହାଜାନୀ ଠାରୁ ଆରମ୍ଭ କରି ଚେନ ଛିନତାଇ, ଚୋରି ଇତ୍ୟାଦି ବହୁଳ ଭାବରେ ହେଉଛନ୍ତି କିନ୍ତୁ କମିଶନରେଟ ପୋଲିସ ପ୍ରଶାସନ ଏଥିପାଇଁ କୌଣସି ଧ୍ୟାନ ଦେଉନାହାନ୍ତି । ଏହି ସୁଦୀର୍ଘ ରାସ୍ତାରେ ଗୋଟିଏ ବୋଲି ଯାତ୍ରୀ ବିଶ୍ରାମଗାର ତଥା ଶୌଚାଳଟିଏ ନାହିଁ । ବହୁ ଯାନବାହାନ ଗମନାଗମନ କରୁଥିଲେ ମଧ୍ୟ ଗୋଟିଏ ବୋଲି ପେଟ୍ରୋଲପମ୍ପ ମଧ୍ୟ ନାହିଁ । ଏହି ସମସ୍ତ ଅବବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏହି ରାସ୍ତାରୋକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୬ ନମ୍ବର ବ୍ଲକ ସଭାପତି ଶ୍ରୀଧର ବଳିଆର ସିଂ, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ଏବଂ ସେ ଅଂଚଳର ବହୁ ବାସିନ୍ଦା ଅଂଶଗ୍ରହଣ କରିଥିଲେ । ମଂଚେଶ୍ୱର ଥାନା ଅଧିକାରୀଙ୍କୁ ଭୁବନେଶ୍ୱର ମହାନଗର ନିଗମର ମେୟରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଦି ଏହି ଦାବି ଅତିଶୀଘ୍ର ପୂରଣ ନହୁଏ ତାହାହେଲେ ଆସନ୍ତା ଦିନରେ ଏକ ବିରାଟ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କଲେ ଏୟାର ମାର୍ଶଲ ଏସ୍. କେ. ଝା

ଭୁବନେଶ୍ୱର,୨/୦୮ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ବାୟୁସେନା ମୁଖ୍ୟାଳୟ ବାୟୁଭବନରୁ ଏୟାର ମାର୍ଶଲ ଏସ.କେ. ଝା, ଏଭିଏସ୍‌ଏମ୍, ଏଓପିଙ୍କ ସମେତ ଏକ ପ୍ରତିନିଧି ଦଳ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି । ଭାରତୀୟ ବାୟୁସେନାର ଅଗ୍ନିପଥ ଯୋଜନାରେ କିଭଳି ସ୍କିଲକୁ ଉପଯୋଗ କରାଯାଇପାରିବ ସେ ନେଇ ଏହି ପ୍ରତିନିଧି ଦଳ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି ଏବଂ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ନିମନ୍ତେ ୱାର୍ଲ୍ଡ ସ୍କିଲ ସେଂଟରରେ ତିଆରି କରାଯାଇଥିବା ଭିତିଭୂମି, ତାଲିମ ସୁବିଧା, ଅପ୍ ସ୍କିଲିଂ ବ୍ୟବସ୍ଥା ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହି ଉତ୍କୃଷ୍ଟ ବ୍ୟବସ୍ଥା ସାଧାରଣ ଯୁବଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଏକ ସଶକ୍ତ ବ୍ୟକ୍ତିଭାବେ ରୂପାନ୍ତରଣ କରୁଛି । ଏଭଳି ବୈଷୟିକ ଜ୍ଞାନକୌଶଳରେ ସଶକ୍ତ ଯୁବଗୋଷ୍ଠୀଙ୍କର ବାୟୁସେନାରେ ଆବଶ୍ୟକତା ରହିଛି । ଏହି ଗସ୍ତ ଆଗାମୀ ଦିନରେ ଓଡିଶାର ଯୁବଗୋଷ୍ଠୀଙ୍କୁ ଏକ ନୂତନ ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି ଏୟାର ମାର୍ଶଲ ଶ୍ରୀ ଝା ମତବ୍ୟକ୍ତ କରିଛନ୍ତି । ୱାର୍ଲ୍ଡ ସ୍କିଲ ସେଂଟର ସିଇଓ ରେଘୁ ଜି ୱାର୍ଲ୍ଡ ସ୍କିଲ ସେଂଟରର ନଲେଜ ପାର୍ଟନର ଆଇଟିଇଇ ସିଙ୍ଗାପୁର, ଭିତିଭୂମି, ଅତ୍ୟାଧୁନିକ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ, ଲାଇଫ୍ ସ୍କିଲ ପ୍ରଶିକ୍ଷଣ, ଶିଳ୍ପ ସହଭାଗିତା ଏବଂ ଦକ୍ଷତା ପ୍ରତିଯୋଗିତା ଇତ୍ୟାଦି ବିଷୟରେ ଆଲୋକପାତ କରିଛନ୍ତି । ଆଗାମୀ ଦିନରେ ୱାର୍ଲ୍ଡ ସ୍କିଲ ସେଂଟରକୁ ନେଇ କ'ଣ ସବୁ ଯୋଜନା ରହିଛି ସେସବୁ ବିଷୟରେ ଶ୍ରୀ ରେଘୁ ଙ୍କ ସହ ଆଲୋଚନା ହୋଇଥିଲା । ଏୟାର ମାର୍ଶଲ ଶ୍ରୀ ଝା ଏବଂ ସହଯୋଗୀମାନେ ମେକାଟ୍ରନିକ୍ସ, ମେକାନିକାଲ ଏବଂ ଇଲେକ୍‌ଟ୍ରିକାଲ୍ ସରଭିସେସ ଓ ଏୟାର କଣ୍ଡିସନିଂ ଏବଂ ରେଫ୍ରିଜିରେସନ ଲ୍ୟାବ୍ ପରିଦର୍ଶନ କରିଥିଲେ । ଏହି ଗସ୍ତରେ ଗ୍ରୁପ୍ କ୍ୟାପଟେନ ଏ. ଏମ୍.କେ. ନାଇଡୁ, ଗ୍ରୁପ୍ କ୍ୟାପଟେନ ଏ ମିଟୁ ଭିଏସଏମ, ଗ୍ରୁପ କ୍ୟାପଟେନ, ଜେ ପରମାର ଏବଂ ୱିଙ୍ଗ କମାଣ୍ଡର ଆରଆରକେ ସିହ୍ନା ସାମିଲ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅତିରିକ୍ତ ସଚିବ, ଶ୍ରୀମତି ରେଣୁପ୍ରଭା ନାୟକ, ୱାର୍ଲ୍ଡ ସ୍କିଲ ସେଂଟରପ୍ରିନ୍ସିପାଲ, ସଙ୍ଗରନ ଗୋପାଲ, ଡେପୁଟି ପ୍ରିନ୍ସିପାଲ, ଏସ୍ କେ ଦାସ ଓ ନିର୍ଦ୍ଦେଶକ, ଚିୟକ୍ ଏଙ୍ଗ୍ ଚୁନ୍ ଉପସ୍ଥିତ ଥିଲେ ।

# ନଦୀ ସୁରକ୍ଷା ସମିତି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୨/୦୮ (ନି.ପ୍ର): ନଦୀକୁ ସୁରକ୍ଷା ଦେବା ଲାଗି ଭାରତୀୟ ଜନତା ପାର୍ଟିର ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । କେନ୍ଦୁଝର ଜିଲ୍ଲାର ଏସାର(ମିତଲ) କାରଖାନା ବୈତରଣୀ ଓ କାରୋ ନଦୀରୁ ଜଳ ଶୋଷଣ କରୁଛନ୍ତି । ଟାଟା କମ୍ପାନୀ ମୁର୍ଗା ଓ ସୋନନଦୀ ଜିନ୍ଦଲ ବୈତରଣୀ ନଦୀ ଜଗନ୍ନାଥ ଷ୍ଟିଲ, ପଂଚବଟୀ ଷ୍ଟିଲ, ଆରିଆଷ୍ଟିଲ, ରୁଙ୍ଗଟା ଷ୍ଟିଲ କାରୋନଦୀ, ଏମ୍‌ଏସପି, ବ୍ରାଣ୍ଡ ଓଏସଆଇଏଲ ବ୍ରାଣ୍ଡ ଅରଡେଇ ନଦୀରୁ ଜଳ ନେଇ କାରଖାନାରେ ବ୍ୟବହାର କରୁଛନ୍ତି । ସେହିପରି ରାୟଗଡା ଜିଲ୍ଲାରେ ଜେକେ ପେପରମିଲ ନାଗାବଳୀ ନଦୀରୁ ଜଳ ନେଉଛି । ସୁନ୍ଦରଗଡ଼ ଜିଲ୍ଲା କୋଇଡାଠାରେ ରୁଙ୍ଗଟା କମ୍ପାନୀ ଦ୍ୱାରା ପ୍ରତିଷ୍ଠିତ ଲୁହା କାରଖାନା କାରୋ ନଦୀରୁ ମଧ୍ୟ ପାଣି ନେଉଛି ।

ଶିଳ୍ପ କାରଖାନା ଜଳ ବ୍ୟବହାର ପରେ ୱାଟର ଟ୍ରିଟମେଂଟ ପ୍ଲାଂଟ ଯୋଗେ ପରିଷ୍କାର କରି ପୁର୍ନବାର ବ୍ୟବହାର କରିବା କଥା ମାତ୍ର କମ୍ପାନୀମାନେ ମଇଳା ଜଳକୁ ସଫା ନକରି ସିଧାସଳଖ ନଦୀକୁ ଛାଡୁଛନ୍ତି ଫଳରେ ନଦୀଜଳ ପ୍ରଦୂଷିତ ହେଉଛି । ଓଡ଼ିଶାର ପ୍ରଦୂଷିତ ଜଳ ପିଇବା ଓ ସ୍ନାନକରିବା ପାଇଁ ଅସ୍ୱାସ୍ଥ୍ୟକର ବୋଲି ଶ୍ରୀ ସାହୁ କହିଛନ୍ତି । ସେହିପରି ସହରାଂଚଳ ଥିବା ଡ୍ରେନ୍‌ଜ ଜଳ ବିଶୁଦ୍ଧ କରାନଯାଇ ନଦୀରେ ଛଡାଯାଉଛି । ଫଳରେ ବିଭିନ୍ନ ଚର୍ମ ରୋଗ, ହଇଜା, କଲେରା ଓ ଅନ୍ୟାନ୍ୟ ରୋଗ ବ୍ୟାପୁଥିଲେ ମଧ୍ୟ ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେଦ ନେଉନାହାନ୍ତି । କୋରାପୁଟ ଜିଲ୍ଲାରେ ଝାଡାବାନ୍ତି, ହଇଜା ଯୋଗୁ ସାଧାରଣ ଲୋକେ ରୋଗାକ୍ରାନ୍ତ ହେବା ସହ ଅନେକଙ୍କ ଜୀବନ ଯାଇଛି ।

ଅନ୍ୟପକ୍ଷେ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲର ନିର୍ଦ୍ଦେଶବଳୀ ଅନୁଯାୟୀ ବର୍ଷାଦିନେ ନଦୀରୁ ବାଲି ଉଠାଇବାକୁ ବାରଣ ଥିବା ସତ୍ତ୍ୱେ ଏହାକୁ ଉଲଘଂନ କରି ମାଲିମାଫିଆମାନେ ଖୁଲୁମଖୁଲା ନଦୀମାନଙ୍କରୁ ବାଲି ଚାଲାଣ କରୁଛନ୍ତି । କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ଭଦ୍ରକ, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଗଞ୍ଜାମ ଓ ବୌଦ୍ଧ ଜିଲ୍ଲାମାନଙ୍କରେ ଗ୍ରୀନ୍ ଟ୍ର୍ୟୁବୁନାଲର ନିୟମକୁ ଉଲଘଂନ କରି ଦିବାଲୋକରେ ବାଲି ଚାଲାଣ କରାଯାଉଛି । ରାଜ୍ୟର ସମ୍ବିଧାନିକ ମୁଖ୍ୟ ଉପରୋକ୍ତ ସମସ୍ୟାର ତୁରନ୍ତ ସମାଧାନ ଲାଗି ପଦକ୍ଷେପ ନେବାକୁ ଶ୍ରୀ ସାହୁ ସ୍ମାରକପତ୍ର ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା, ଅଜୟ କୁମାର ସାହୁ, ଅଶୋକ କୁମାର ରଥ, ବିକ୍ରମକେଶରୀ ରାଉତରାୟ, ସଞ୍ଜିବ ରଣା, ଶ୍ରୀନିବାସ ପ୍ରଧାନ, ବାସୁଦେବ ପଣ୍ଡା ଓ ସୁଦର୍ଶନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨/୦୮ (ନି.ପ୍ର): କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି, ଯାହାକି ଚଳିତ ୨୦୨୨ ମସିହା ଅଗଷ୍ଟ ୧ ତାରିଖଠାରୁ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି । ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟର ତା.୧୬/୦୬/୨୨ର ବିଜ୍ଞପ୍ତୀ ଅନୁସାରେ ଲୋକପ୍ରତିନିଧି ଆଇନ୍ ୧୯୫୦ର ଧାରା ୨୮ ଅନୁଯାୟୀ ଭୋଟର ତାଲିକାରେ ନାମ ତାଲିକାଭୁକ୍ତ କରିବା ପାଇଁ ପଂଜୀକରଣ କରାଯିବ । ସେଥିଯୋଗୁ ପଂଜୀକରଣ ନିମନ୍ତେ ଥିବା ଫର୍ମଗୁଡ଼ିକରେ କେତେକ ସଂଶୋଧନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ଓ ଏହା ଆଜିଠାରୁ ଅର୍ଥାତ୍ ଅଗଷ୍ଟ ୧ ତାରିଖଠାରୁ କାର୍ଯ୍ୟକାରୀ କରାଯିବ । ଭୋଟର ତାଲିକାରେ ନାମ ପଂଜୀକରଣ ନିମନ୍ତେ କେବଳ ଫର୍ମ ନଂ-୬ରେ ଆବେଦନ କରାଯାଇପାରିବ । ପ୍ରବାସୀ ଭାରତୀୟ ନାଗରିକମାନେ ଭୋଟର ତାଲିକାରେ ନାମ ପଂଜୀକରଣ ନିମନ୍ତେ ଫର୍ମ ନଂ-୬(କ)ରେ ଆବେଦନ କରିପାରିବେ । ଫର୍ମ ନଂ-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍ ଦେବା ଓ ତତ୍ ସହିତ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇ ପାରିବ । ସେହିପରି ଫର୍ମ ନଂ-୮ ମାଧ୍ୟମରେ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ଭୋଟର ପରିଚୟପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ କରିବା ନିମନ୍ତେ ଆବେଦଦ କରାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ନିର୍ବାଚନ ଆୟୋଗ ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକା ସହ ଭୋଟରଙ୍କ ଆଧାର ସଂଯୋଗୀକରଣ କରାଇବା ପାଇଁ ପଦକ୍ଷେପ ନେଇଛନ୍ତି । ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନଂ-୬(ଖ)ରେ ଆବେଦନ କରାଯିବ । ବୁଥ୍ ସ୍ତରୀୟ ଅଧିକାରୀମାନେ ଭୋଟରଙ୍କଠାରୁ ଆଧାର ତଥ୍ୟ ଫର୍ମ ନଂ-୬ (ଖ)ରେ ସଂଗ୍ରହ କରିବେ, ଏହା ସ୍ୱେଚ୍ଛାକୃତ ଭାବେ ସଂଗ୍ରହ କରାଯିବ । ଲୋକପ୍ରତିନିଧି ଆଇନ୍ ୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଂଜୀକରଣ କରିବାକୁ ଥିବା ଭୋଟରମାନେ ସ୍ୱେଚ୍ଛାକୃତ ଭାବେ ଆଧାର ବିବରଣୀ ପ୍ରଦାନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଜଣାଇଛନ୍ତି । ଆସନ୍ତା ତା. ୦୧/୦୪/୨୦୨୩ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ବିବରଣୀ ସଂପୃକ୍ତ ନିର୍ବାଚକ ପଂଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତି ନିଆଯାଇଛି । ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନଂ- ୬ (ଖ) ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍, ନିର୍ବାଚନ ପଂଜୀକରଣ ଅଧିକାରୀଙ୍କ ୱେବ୍‌ସାଇଟ୍ ରେ ଅଗଷ୍ଟ ୧ ତାରିଖ ପୂର୍ବରୁ ଉପଲବ୍ଧ ଅଟେ ।

# ଖାଇବା ତେଲ ଅପମିଶ୍ରଣ ରୋକିବାକୁ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨/୦୮ (ନି.ପ୍ର): ରାଜ୍ୟ ଖାଦ୍ୟ ସୁରକ୍ଷା ପ୍ରାଧିକରଣ ଓ ଖାଦ୍ୟ ନିରାପତା ଆୟୁକ୍ତଙ୍କ ଅଧିନରେ ଅଗଷ୍ଟ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ସପ୍ତାହ ପାଇଁ ରାଜ୍ୟବ୍ୟାପି ଅପମିଶ୍ରିତ ଖାଇବା ତେଲ ବିରୁଦ୍ଧରେ ଅଭିଯାନ ଆରମ୍ଭ କରାଯିବ । ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଡ. ଡି. ବୃନ୍ଦା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଏହି ଅଭିଯାନ ଅଧିନରେ ରାଜ୍ୟର ସମସ୍ତ ଜିଲ୍ଲା, ମୁନିସିପାଲିଟି ଓ ବ୍ଲକ୍‌ସ୍ତରରେ ଖାଇବା ତେଲର ନିରୀକ୍ଷଣ ପ୍ରକ୍ରିୟା ଜାରି ରହିବ । ଅପମିଶ୍ରିତ ଖାଇବା ତେଲ ଉପରେ ଏହି ଅଭିଯାନ ଅଧିନରେ ଖାଦ୍ୟ ନିରାପତା ଅଧିକାରୀଙ୍କ ଦ୍ୱାରା ତେଲର ନମୂନା ପରୀକ୍ଷଣ ପାଇଁ ପଠାଯିବ । ବହୁସଂଖ୍ୟକ ଖାଇବା ତେଲ ଉତ୍ପାଦନକାରୀ ଓ ଖାଇବା ତେଲ ବ୍ରାଣ୍ଡ ଉପରେ ନଜର ରଖାଯିବ । ପ୍ରତ୍ୟେକ ଖାଦ୍ୟ ନିରାପତା ଅଧିକାରୀଙ୍କ ଦ୍ୱାରା ଦୁଇଟି ନମୂନା ସଂଗ୍ରହ କରାଯିବ । ନମୂନାଗୁଡ଼ିକ ଖୁଚୁରା ବଜାରରୁ ଉଭୟ ଖାଲି ଏବଂ ପ୍ୟାକେଜ୍ ତେଲ ରୂପରେ ସଂଗ୍ରହ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟରୁ ସର୍ବମୋଟ ୧୨୬ଟି ଖାଇବା ତେଲ ନମୂନା ଯାଂଚ ପାଇଁ ପରୀକ୍ଷାଗାରକୁ ପଠାଯିବ । ଖାଇବା ତେଲରେ ମିନେରାଲ ତେଲ, ଆର୍ଗେମୋନ୍ ତେଲ, କାଷ୍ଟର ତେଲ ଏବଂ ଟ୍ରାନ୍ସଫ୍ୟାଟି ଏସିଡ୍ ର ଉପସ୍ଥିତି ଯାଂଚ କରାଯିବ । ପ୍ରଥମ ପର୍ଯ୍ୟାୟରେ ନିୟାମକ ତେଲ ନମୂନାରେ ତେଲର ଅପମିଶ୍ରଣ ଅନୁପାତ ଚିହ୍ନଟ ହେଲେ ଖାଦ୍ୟ ନିରାପତା ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ।

# ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ପାଳନ ପାଇଁ କଂଗ୍ରେସର ପ୍ରସ୍ତୁତି



ଭଦ୍ରକ,୦୨/୦୮ (ନି.ପ୍ର): ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ଏହାକୁ ବେଶ ଧୂମଧାମରେ ପାଳନ କରିବାକୁ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଜିଲ୍ଲା କଂଗ୍ରେସ କମିଟିର ଏକ ବୈଠକ ଜିଲ୍ଲା ସଭାପତି ସୁବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲା ପାଇଁ କଂଗ୍ରେସ ଦଳର ପ୍ରଭାରୀ ପ୍ରାକ୍ତନ ସାଂସଦ ଅଂଚଳ ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ। ତେବେ ଏହି ଉତ୍ସବକୁ ଐତିହାସିକ ଓ ସ୍ମରଣୀୟ କରିବା ପାଇଁ ଅଗଷ୍ଟ କ୍ରାନ୍ତୀ ଦିବସ ୯ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ ୭ଟି ବ୍ଲକ ଓ ପୌରାଞ୍ଚଳରେ ୭୫ କିଲୋମିଟର ବ୍ୟାପୀ ପଦଯାତ୍ରା ପୃଥକ ପୃଥକ ଭାବେ ଅନୁଷ୍ଠିତ ହେବ। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରା କାଳରେ ଲୋକମାନଙ୍କ ସହିତ କଂଗ୍ରେସର ନେତୃମଣ୍ଡଳୀ ପ୍ରତ୍ୟେକ୍ଷ ସମ୍ପର୍କ ସ୍ଥାପନ କରିବା ସହ ବହୁମୂଲ୍ୟ କଷ୍ଟଲବ୍ଧ ସ୍ୱାଧିନତାର ନାୟକମାନଙ୍କ ବଳିଦାନ ସମ୍ପର୍କରେ ଅବଗତ କରିବେ। ଏହାବ୍ୟତୀତ ଆସନ୍ତା ୫ ତାରିଖ କଂଗ୍ରେସ ପକ୍ଷରୁ ନିତ୍ୟ ବ୍ୟବହାର୍ଯ୍ୟ ଦରଦାମ ବୃଦ୍ଧି ବିରୋଧରେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ଦୁଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜିର ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତି, ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ବରିଷ୍ଠ ନେତା ପଞ୍ଚାନନ ମଣ୍ଡଳ, ଗୋଲକ ବେହେରା, ପିତାବସ ଧଳ, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀ ଚାନ୍ଦ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ଧାମନଗର ବ୍ଲକ ସଭାପତି ଅଭିଶେକ ରାଉତ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, କୃଷକ ସେଲର ସଭାପତି ନନରନାରାୟଣ ଜେନା, ଜିଲ୍ଲା ମୁଖପତ୍ର ଭବେନ୍ଦ୍ର ସାହୁ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ହେମନ୍ତ ମହାପାତ୍ର, ଏସସି ସେଲ ଉପସଭାପତି ରଂଜନ ଜେନା, ଅଶ୍ରଫ ଅଲ୍ଲୀ ଖାନ, ବିଜୟ ବାରିକ, ଅକ୍ଷୟ ତ୍ରିପାଠୀ, ନାରାୟଣ ବେହେରାଙ୍କ ସମେତ ବହୁ ଛାମୁଆ ସଂଗଠନ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଶୁଭେଚ୍ଛା ଉଦ୍ଦେଶ୍ୟରେ ଉଦଳା ଛାତ୍ରୀ ନିବାସ ଉତ୍ସବମୁଖର



ଉଦଳା, ୦୨/୦୮ (ନି.ପ୍ର): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ଉଦେଶ୍ୟରେ ସ୍ଥାନୀୟ ଛାତ୍ରୀ ନିବାସରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଏକ ଅଭିନନ୍ଦନ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଉତ୍ସବରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ଓ ସମସ୍ତ କାଉନସିଲର ବୃନ୍ଦ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ଅନେକ ଅନେକ ଅଭିନନ୍ଦନ ଜଣାଇଥିଲେ। ଶତାଧିକ ଛାତ୍ରୀ ଖୁସିରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। ଅଧକ୍ଷା ପ୍ରମିଳା ପଣ୍ଡା ପିଲା ମାନଙ୍କୁ ନିଜର ଲୁକାଇତ ପ୍ରତିଭାକୁ ବିକଶିତ କରିପାରିଲେ ସେମାନେ ମଧ୍ୟ ନିଜକୁ ଏକ ପ୍ରତିଷ୍ଠିତ ଆସନରେ ଅଧିଷ୍ଠିତ କରିପାରିବେ ବୋଲି ପ୍ରେରଣା ପୂର୍ବକ ଉପଦେଶ ଦେଇଥିଲେ ଏବଂ ଭାରତ ଗଣତନ୍ତ୍ରର ଏହି ବିଶେଶ୍ୱତକୁ ଅନେକ ପ୍ରଶଂସା କରିଥିଲେ। ଉପାଧକ୍ଷା ଲିଲି ଭୋଳ ପିଲା ମାନଙ୍କୁ ଭବିଷ୍ୟତରେ ସୁନାଗରିକ ଭାବରେ ଗଢ଼ି ତୋଳିବା ପାଇଁ ଉପଦେଶ ଦେଇଥିଲେ। ଉତ୍ସବର ପରିସମାପ୍ତିରେ ପ୍ରମିଳା ପଣ୍ଡା ଆଜି ତାଙ୍କର ନିଜର ଜନ୍ମଦିନ ପଡୁଛି ବୋଲି ବ୍ୟକ୍ତ କରିବା ସହିତ ପିଲା ମାନଙ୍କୁ ମିଷ୍ଟାନ ବଣ୍ଟନ ପୂର୍ବକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ତାରାକାନ୍ତ ରାୟ, ନିର୍ମଳା ରାୟ, ମାନଓ ପାଣି, ସୁବ୍ରତ କୁମାର ମହାନ୍ତି, ବିଶ୍ୱରଂଜନ ମୋଦି, ଶୁଭଦୀପ ମହାନ୍ତି, ସନ୍ତୋଷ ବାଛିନୀ, ଧିରେନ୍ଦ୍ର ଖଣ୍ଡେଲୱାଲ, ଶରତ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇବାକୁ ଦିଲ୍ଲୀ ଗଲେ ବିଧାୟକ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ବିଧାନସଭା ପକ୍ଷରୁ ଅଭିନନ୍ଦନ ଜଣାଇବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ୨୬ ଜଣ ବିଧାୟକ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତାକାଲି ସେମାନେ ରାଷ୍ଟ୍ରପତିଙ୍କୁ ଭେଟିବା ପରେ ୪ ତାରିଖରେ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଦିଲ୍ଲୀ ଯାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ ସନ୍ଧ୍ୟାରେ ବିଜେପି ବିଧାୟକ ଦିଲ୍ଲୀ ଗସ୍ତରେ ଯିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଧାନସଭା ତରଫରୁ ଜଗନ୍ନାଥଙ୍କ ମହାପ୍ରସାଦ, ଜଗନ୍ନାଥଙ୍କ ଫଟୋ ଚିତ୍ର ଓ ଓଡ଼ିଆ କଳାକୃତିର ଉପହାର ଦିଆଯିବ। ବିଧାନସଭା ସଚିବାଳୟ ପକ୍ଷରୁ ବିଧାୟକମାନଙ୍କ ଗସ୍ତ ଖର୍ଚ୍ଚ ବହନ କରାଯାଉଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ ଓ ପ୍ରତାପ ଦେବ, ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ପ୍ରମୁଖ ଏହି ଗସ୍ତରେ ସାମିଲ ହୋଇଥିବା ଜଣାଯାଇଛି।

# ବରିଷ୍ଠ ନାଗରିକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଭଦ୍ରକ,୦୨/୦୮ (ନି.ପ୍ର): 'ମାନବ ସେବା ହିଁ, ମାଧବ ସେବା' ବୋଲି ଜଗନ୍ନାଥପୁର ଭଦ୍ରକ ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଏକ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଉଦ୍‌ଘାଟନ କରି ଉଦ୍‌ଘାଟକ ତଥା ଚିକିତ୍ସକ ଡାକ୍ତର ଅନିଲ କୁମାର ଦାଶ, ମୁଖ୍ୟବକ୍ତା ଶାଖା ପରିଚାଳକ ନିଗମାନନ୍ଦ ନାୟକ ମତବ୍ୟକ୍ତ କରିଛନ୍ତି। ଏହି ଶିବିରରେ ୩୨ଜଣ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସେବାରେ ବ୍ୟାଙ୍କର କର୍ମଚାରୀ ପରମାନନ୍ଦ ବେହେରା, ଗଦାଧର ପଣ୍ଡା, କୈବଲ୍ୟସୁଧା ପଣ୍ଡା, ସୁଧିର ମହାପାତ୍ର, ରଶ୍ମିରେଖା ସାହୁ, ଚିନ୍ମୟ ଦାସ ମହପାାତ୍ର, ଦ୍ୱାରିକାନାଥ ବିଶ୍ୱାଳ, ସସ୍ମିତା ନାୟକ, ଚନ୍ଦ୍ରକାନ୍ତ ନାୟକ, ଚୈତନ୍ୟ ମାଝୀ ପ୍ରମୁଖ ଅଂଶ ଗ୍ରହଣ କରି ପୂଜ୍ୟପୂଜାକୁ ଅପ୍ୟାୟିତ କରି ଖୁସି ଅନୁଭବ କରିଥିଲେ। ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସେବା କରି ବ୍ୟାଙ୍କର ସମସ୍ତ କର୍ମଚାରୀ ନିଜକୁ ଧନ୍ୟମନେ କରିଥିଲେ ଏବଂ ଭବିଷ୍ୟତରେ ଆହୁରି ଏହିପରି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ କରାଯିବ ବୋଲି ମତ ପ୍ରକାଶ କରିଥିଲେ।

# ଶିକ୍ଷାବର୍ଷକୁ ୪ମାସ ବିତିଲାଣି ଦଶମ ଶ୍ରେଣୀର ଜୀବବିଜ୍ଞାନ ଓ ଭୂଗୋଳ ବହି ମିଳିନି

ଜଳେଶ୍ୱର, ୦୨/୦୮ (ନି.ପ୍ର): ଚଳିତବର୍ଷ ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଥିବା ବେଳେ ଏବେ ୪ ମାସ ବିତିଲାଣି। କିନ୍ତୁ ଅଦ୍ୟାବଧି ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଜୀବ ବିଜ୍ଞାନ ଓ ଭୂଗୋଳ ବହି ମିଳିନଥିବାର ଅଭିଯୋଗ ହୋଇଛି। ଚଳିତବର୍ଷ ୧୦ମ ଶ୍ରେଣୀର ଜୀବବିଜ୍ଞାନ ବିହରେ କିଛି ନୂଆବିଷୟ ଓ ତଥ୍ୟ ସାମିଲ ଲାଗି ନିଷ୍ପତ୍ତି ହୋଇଥିଲା। ତେଣୁ ପୁରୁଣା ବହିକୁ ବଦଳାଇ ନୂଆ ପୁସ୍ତକ ପ୍ରକାଶନ ସଂପର୍କରେ ଘୋଷଣା ହୋଇଥିଲା। ଫଳରେ ୪ ମାସ ଧରି ପୁରୁଣା ପୁସ୍ତକ ପଢାଯାଉନଥିବାରୁ ଆସନ୍ତା ୨ମାସ ପରେ ଷାଣ୍ମାସିକ ପରୀକ୍ଷାରେ ପିଲାଙ୍କ କୃତକାର୍ଯ୍ୟ ନେଇ ସନ୍ଦେହ ପ୍ରକାଶ ପାଇଛି। ୨ଟି ବିଷୟରେ ଶିକ୍ଷାଦାନ ଦିଆଯାଉନଥିବାରୁ ଛାତ୍ରଛାତ୍ରୀ, ଅଭିଭାବକମାନେ କ୍ଷୁବ୍ଧ ହୋଇଛନ୍ତି। ଅନ୍ୟପକ୍ଷରେ ବଜାରକୁ ଏହି ୨ ପୁସ୍ତକ ଆସିଥିବା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରତିଦିନ ବହିଦୋକାନୁ ଦୌଡୁଥିବା ଦେଖିବାକୁ ମିଳିଛି। କେବଳ ଅଭିଭାବକ, ଛାତ୍ରଛାତ୍ରୀ ନୁହନ୍ତି ଏହି ୨ବିଷୟ ରେ ଶିକ୍ଷା ଦେଉଥିବା ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶଯୋଗ୍ୟ ୧୦ ଶ୍ରେଣୀର ବହିଗୁଡିକ ଏକ ଏଜେନ୍ସି ଜରିଆରେ ଦିଆଯାଇଥାଏ। ଚଳିତବର୍ଷ ଏହି ଏଜେନ୍ସି ପୁସ୍ତକ ଦୁଇଟି ପାଇନଥିବା ଜଣାଯାଇଛି। ଆଜି ଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାସ ବାଲେଶ୍ୱର ଆସୁଥିବାରୁ ବହୁ ଶିକ୍ଷକ, ଶିକ୍ଷକ ସଂଘ, ଅଭିଭାବକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାଲାଗି ବାଲେଶ୍ୱର ଯାଇଥିବା ଜଣାଯାଇଛି। ଅତିଶୀଘ୍ର ପୁସ୍ତକ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

## ଖାଲିନା ପଂଚାୟତରେ ଅନିୟମିତତା : ଭିଜିଲାନ୍ସ ଟିମ୍‌ର ତଦାରଖ

ଜଳେଶ୍ୱର, ୦୨/୦୮ (ନି.ପ୍ର): ଅତୀତରେ ଖାଲିନା ପଂଚାୟତର ବିଭିନ୍ନ କାର୍ଯ୍ୟର ଅନିୟମିତତା ଓ ଦୁର୍ନିତୀ ସଂପର୍କରେ ଅଭିଯୋଗ ହୋଇ ଆସୁଥିଲା। ମନୋରେଗାର ବିଭିନ୍ନ କାର୍ଯ୍ୟ, ରାସ୍ତାଘାଟ, ଆବାସ ଯୋଜନା ସଂପର୍କରେ ଅନୀୟମିତତା ସଂପର୍କରେ ବିଡିଓ, ଜିଲାପ୍ରଶାସନ ଓ ଭିଜିଲାନ୍ସକୁ କେତେକ ବ୍ୟକ୍ତି ଜଣାଇଥିଲେ। ଏ ସମ୍ପର୍କରେ ଗତ ସୋମବାର ସଂଧ୍ୟାରେ ଭିଜିଲାନ୍ସର ଏକ ୩ଜଣିଆ ଟିମ୍ ଏଠାକୁ ଆସି ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ଇକଡା, ଖାଲିନା ବ୍ୟତିତ ସମ୍ପତିଆ ପଂଚାୟତର ଜଳକାପଡିଆ ଗାଁରେ ନିର୍ମାଣାଧିନ ବିଭିନ୍ନ ରାସ୍ତାକାମର ଦୁର୍ନିତୀ ସଂପର୍କରେ ଅଭିଯୋଗ ହୋଇଥିବାରୁ ସେ ସବୁ ସ୍ଥାନକୁ ମଧ୍ୟ ପରୀକ୍ଷା କରି ଦେଖିଥିଲେ।

## ଦୀନକୃଷ୍ଣ ସ୍ମୃତିପୀଠରେ ଚକ୍ଷୁ ପରୀକ୍ଷା : ୩୭ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ

ଜଳେଶ୍ୱର, ୦୨/୦୮ (ନି.ପ୍ର): ଆଜି ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳର ମୁଣ୍ଡୁତୁଣିଆସ୍ଥିତ ଦୀନକୃଷ୍ଣ ସ୍ମୃତିପୀଠରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ରାଇବଣିଆ, ମାକିଡିଆ, ଦକ୍ଷିଣ ପ୍ରହରାଜପୁର, ଖୁଦିଆମାଝିସାହିର ବିଭିନ୍ନ ଅଂଚଳରୁ ବହୁ ଚକ୍ଷୁରୋଗୀ ଘଟଣାସ୍ଥଳକୁ ଆସିଥିବା ବେଳେ ମୟୂରଭଂଜ ଜିଲାର ରଂଗାମାଟିଆସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଡାକ୍ତର ମାନଙ୍କ ଦ୍ୱାରା ୭୬ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୩୭ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏହି ୩୭ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟରେ ମାଗଣାରେ ଚକ୍ଷୁର ମୋତିଆବିନ୍ଦୁ ଅପରେସନ କରାଯିବ ବୋଲି ସ୍ୱେଚ୍ଛାସେବୀ ତପନ କୁମାର ସାହୁ, ବିପ୍ଳବ କୁମାର ପ୍ରଧାନ, ସମ୍ଭୁନାଥ ସାହୁ, ସନ୍ତୋସ ସାହୁ, ସଂଗ୍ରାମ ଜେନା ଓ ସନ୍ଦିପ ସାହୁ ପ୍ରମୁଖ କହିଛନ୍ତି।

## ରେଲୱେ ନିଯୁକ୍ତି ଦୁର୍ନୀତି : ଭୋଲା ଯାଦବ ଏବଂ ହୃଦୟାନନ୍ଦଙ୍କ ସିବିଆଇ ହାଜତ ୫ ଅଗଷ୍ଟ ପର୍ଯ୍ୟନ୍ତ ବଢ଼ିଲା

ନୂଆଦିଲ୍ଲୀ, ୦୨/୦୮ : ଦିଲ୍ଲୀର ରାଉଜ ଏବେନ୍ୟୁ କୋର୍ଟ ରେଲୱେ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ଭୋଲା ଯାଦବ ଏବଂ ହୃଦୟାନନ୍ଦ ଚୌଧୁରୀଙ୍କୁ ୫ ଅଗଷ୍ଟ ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଯାଇଛି। ଆଜି ଦୁହିଁଙ୍କୁ ସିବିଆଇ ହାଜତ ଶେଷ ହେଉଥିବାରୁ ଯାହାପରେ ଦୁହିଁଙ୍କୁ କୋର୍ଟରେ ପେଶ କରାଯାଇଛି। କୋର୍ଟ ୨୭ ଜୁଲାଇରେ ଭୋଲା ଯାଦବ ଏବଂ ହୃଦୟାନନ୍ଦଙ୍କୁ ଆଜି ପର୍ଯ୍ୟନ୍ତ ସିବିଆଇ ହାଜତରେ ପଠାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଅକ୍ଟୋବର ସୁଦ୍ଧା....

ଏୟାରଟେଲ ଲିଃର ୪୩,୦୪୮ କୋଟି ଟଙ୍କା, ରିଲାଏନ୍ସ ଜିଓ ଇନଫୋକମର ୮୮,୦୭୮ କୋଟି ଟଙ୍କା ଏବଂ ଭୋଡାଫୋନ ଆଇଡିଆ ଲିମିଟେଡ ୧୮,୭୯୯ କୋଟି ଟଙ୍କା ସାମିଲ ରହିଛି। ବାର୍ଷିକ କିସ୍ତି ହିସାବରେ ସୁଧ ଦର ୭.୨% ରଖାଯାଇଥିବା ବେଳେ ନିଲାମୀରେ ଅଂଶଗ୍ରହଣ କରିଥିବା କେତେକ ଅଂଶଗ୍ରହଣକାରୀ ଅଧିକ ଅପଫ୍ରଣ୍ଟ ପେମେଣ୍ଟ (ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେବା ପାଇବା ପାଇଁ ଆଂଶିକ ବା ସମ୍ପୂର୍ଣ୍ଣ ଅର୍ଥ ପରିଶୋଧ) କରିପାରିବେ। ପ୍ରଥମ ଥର ପାଇଁ ୬୦୦ ମେଗାହର୍ଜ ବ୍ୟାଣ୍ଡ ନିଲାମୀ ପାଇଁ ରଖାଯାଇଥିଲା। କିନ୍ତୁ ଏହି ବ୍ୟାଣ୍ଡ ପାଇଁ କୌଣସି ବିଡ୍ (ନିଲାମ ଡାକ) ପ୍ରାପ୍ତ ହୋଇନଥିଲା। ବର୍ତ୍ତମାନ ସୁଦ୍ଧା ମୋବାଇଲ ଟେଲିଫୋନୀ ପାଇଁ ୬୦୦ ମେଗାହର୍ଜ ବ୍ୟାଣ୍ଡର ଡିଭାଇସ ଇକୋସିଷ୍ଟମ ବିକଶିତ ହୋଇନାହିଁ। ଆସନ୍ତା କିଛି ବର୍ଷ ମଧ୍ୟରେ, ଏହି ବ୍ୟାଣ୍ଡ ହୁଏତ' ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ୭୦୦ ମେଗାହର୍ଜରେ ୫ ଜି ଇକୋସିଷ୍ଟମ୍ ଖୁବ୍ ଭଲ ଭାବେ ବିକଶିତ ହୋଇଛି। ଏହାର ଏକ ବଡ଼ ସେଲ ଆକାର ରହିଛି ଏବଂ ଏଥିପାଇଁ କମ୍ ଭିତ୍ତିଭୂମି ଆବଶ୍ୟକ ହୋଇଥାଏ। ଏହି ବ୍ୟାଣ୍ଡ ଅଧିକ ରେଞ୍ଜ ଏବଂ ଭଲ କଭରେଜ୍ ପ୍ରଦାନ କରିଥାଏ। ମେସର୍ସ ରିଲାଏନ୍ସ ଜିଓ ସର୍ବଭାରତୀୟ ସ୍ତରରେ ୧୦ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି। ସେବାର କ୍ଷମତା ବଢ଼ାଇବା ଏବଂ ୪ଜି କଭରେଜ୍ରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଅଂଶଗ୍ରହଣକାରୀମାନେ ମୁଖ୍ୟତଃ ୮୦୦ରୁ ୨୫୦୦ ମେଗାହର୍ଜ ବ୍ୟାଣ୍ଡରେ ସ୍ପେକ୍ଟ୍ରମ ପାଇବା ଲାଗି ଆବେଦନ କରିଥିଲେ। ହାଇ ଥ୍ରୁ ପୁଟ୍ ପ୍ରଦାନ କରିବା ଲାଗି ମିଡ୍ ବ୍ୟାଣ୍ଡ ବା ୩୩୦୦ ମେଗାହର୍ଜ ବ୍ୟାଣ୍ଡ ଗୁରୁତ୍ୱପୂର୍ଣ୍ଣ। ବର୍ତମାନର ସମସ୍ତ ତିନୋଟି ଅପରେଟରମାନେ ଏହି ବ୍ୟାଣ୍ଡରେ ସ୍ପେକ୍ଟ୍ରମ ହାସଲ କରିଥିଲେ। ଅପରେଟରମାନେ ୩୩୦୦ ମେଗାହର୍ଜ ବ୍ୟାଣ୍ଡରେ ବର୍ତ୍ତମାନର ୪ଏ କ୍ଷମତା ବଢ଼ାଇବା ଏବଂ ୫ଜି ସେବା ପ୍ରଦାନ କରିପାରନ୍ତି। ଏମଏମ ୱେଭ ବ୍ୟାଣ୍ଡ ବା ୨୬ ଗିଗାହର୍ଜ ବ୍ୟାଣ୍ଡର ହାଇ ଥ୍ରୁପୁଟ୍ ରହିଛି କିନ୍ତୁ ଏହାର ପରିଧି ଖୁବ କମ। ଏହି ବ୍ୟାଣ୍ଡକୁ କ୍ୟାପ୍ଟିଭ ବା ଅଣ-ସାର୍ବଜନୀନ ନେଟୱର୍କ ପାଇଁ ବ୍ୟବହାର କରାଯାଇପାରେ।

## ଡ୍ରୋନ୍ ଆକ୍ରମଣରେ....

ବିପଦ ଥିବା ସଂଗଠନକୁ ଚେତାବନୀ ଦେଇଛନ୍ତି ବାଇଡେନ୍। କେନିଆରେ ଥିବା ଆମେରିକା ଦୂତାବାସ ନିକଟରେ ୧୯୯୮ରେ ସିରିଜ ବିସ୍ଫୋରଣ, ୨୦୦୦ରେ ୟୁଏସଏସ କୋଲ ଆଟାରେ ଆମେରିକାର ନୌସେନା ଉପରେ ଆକ୍ରମଣ, ୨୦୦୭ରେ ପାକିସ୍ତାନରେ ଘୃଣାଭାବ ସୃଷ୍ଟି କରିଥିଲା ଅଲ ଜୱାହିରି। କିନ୍ତୁ ୨୦୧୧ରେ ଅଲ କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ ନିପାତ ପରେ ଏହି କୁଖ୍ୟାତ ଆତଙ୍କବାଦୀ ସଂଗଠନ କ୍ରମଶଃ ଦୁର୍ବଳ ହୋଇଥିଲା। ଆଫଗାନିସ୍ତାନରୁ ଆମେରିକା ନିୟନ୍ତ୍ରଣ ହଟାଇବା ପରେ ଅଲକାଏଦା ସଂଗଠନକୁ ମଜବୁତ କରିବାକୁ ଯୋଜନା କରିଥିଲା ଅଲ ଜୱାହିରି। ଦୀର୍ଘ ବର୍ଷ ହେବ ଜୱାହିରି ଲୁଚି ରହିଥିଲା। ତାକୁ ଖୋଜିବାକୁ ଅନେକ ଗୁଇନ୍ଦା ସୂଚନା ଉପରେ ଆମେରିକା ନିର୍ଭର କରୁଥିଲା। ଯେଉଁ ଘର ବାଲୋକୋନୀରେ ବୁଲୁଥିବା ବେଳେ ଜୱାହିରିକୁ ହତ୍ୟା କରାଯାଇଛି ଏହି ଘରର ମାଲିକ ସିରାଜୁଦ୍ଦିନ ହକ୍କାନୀ। ଯିଏକି ତାଲିବାନର ଆଭ୍ୟନ୍ତରୀଣ ମନ୍ତ୍ରୀଙ୍କ ନିକଟତମ ବୋଲି ଜଣାପଡିଛି।

## କାଷ୍ଟିଂ କାଉଚ୍ ମାମଲାରେ....

ମୋ ଘରେ ୭ ଦିନିଆ ନୋଟିସ ଦେଲେ। ଏହା ସତ୍ତ୍ୱେ ମୋତେ ଦିନକ ପରେ ଗିରଫ କଲେ। ମୁଁ ଏକଥା ଡିଜିଙ୍କୁ ପଚାରିଲି ଯେ ମୋତେ କାହିଁକି ଗିରଫ କଲେ। ଡିଜି କହିଲେ ଆମ ଉପରେ ପ୍ରେସର ଥିଲା। ଝିଅର ଅଭିଯୋଗ, ଏତଲାକାରୀ, ଭୁଲ୍ ଖବରକୁ ତର୍ଜମା କରିବି। ୩ଟି ଦିଗକୁ ତର୍ଜମା କରି ଓକିଲ ପରାମର୍ଶ କରି କେସ୍ କରିବି ବୋଲି କହିଛନ୍ତି ପପୁ। ୨୦୧୬ ମସିହାରେ ଫିଲ୍ମରେ ଏଂଟ୍ରି କରାଇଦେବାକୁ କହି ପପୁ ପମ୍‌ପମ୍ ଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ ନାବାଳିକା। ଏପରି ଅଭିଯୋଗ ଆସିବା ପରେ ଫେରାର ହୋଇଯାଇଥିବା ପପୁ ପମ୍‌ପମ୍‌ଙ୍କ ସମେତ ତାଙ୍କ ସହଯୋଗୀ ଗିଟୁଙ୍କୁ ପୁରୀ ଜିଲ୍ଲା ନିମାପଡ଼ାରୁ ଗିରଫ କରିଥିଲା ପୋଲିସ୍। ଏହାପରେ ସେ ଜାମିନରେ ବାହାରିଥିଲେ।ପୀଡ଼ିତା ଜଣକ ନାବାଳିକା ହୋଇଥିବାରୁ ପୋକ୍ସୋ କୋର୍ଟରେ ଏହାର ଶୁଣାଣି ଚାଲିଥିଲା। ଦୀର୍ଘ ୬ ବର୍ଷ ପରେ ଏହି ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ପପୁ ପମପମ୍। ପୀଡ଼ିତାଜଣକ ନିଜ ଅଭିଯୋଗରୁ ଓହରି ଯାଇଥିବା ବେଳେ ସାକ୍ଷ୍ୟ ପ୍ରମାଣ ଅଭାବରୁ ପପୁଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଜଣାଯାଇଛି।

## ଲାଞ୍ଚ ନେଇ ଧରାପଡିଲେ....

ହେଲେ ଆରଆଇ ଡଲି ସେଠୀ ଅନୁକମ୍ପା ମୂଳକ ରାଶିର ୫ ପ୍ରତିଶତ ଅର୍ଥାତ୍୫୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ମୁଲଚାଲ ହୋଇ ମୃତ୍ୟୁ ପ୍ରମାଣପତ୍ର ଦେବାକୁ ୩୦ ହଜାର ଟଙ୍କାରେ ତୁଟିଥିଲା। ଅଗ୍ରୀମ ୧୦ ହଜାର ଟଙ୍କା ଆରଆଇ ଡଲି ସେଠି ମାଗିବାରୁ ଭିଜିଲାନ୍ସକୁ ଜଣାଇଥିଲେ ଦୀନବନ୍ଧୁ। ଏହାପରେ ପୂର୍ବଯୋଜନା ମୁତାବକ ଲାଞ୍ଚ ଦେବା ସମୟରେ ଆରଆଇ ଡଲି ସେଠୀଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍।

# ଏମ.କେ.ସି ହାଇସ୍କୁଲରେ ନୂତନ ଶିକ୍ଷୟତ୍ରୀଙ୍କୁ ସ୍ୱାଗତ



ବାରିପଦା, ୦୨/୦୮ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ବିଦ୍ୟାଳୟରେ ନୂତନଭାବେ ଶିକ୍ଷକ ଶିକ୍ଷୟତ୍ରୀ ପଦବୀରେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନଭାବେ ଶିକ୍ଷୟତ୍ରୀ ମମତା ମଲ୍ଲିକ, ଶିକ୍ଷକ ସ୍ମୃତିରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ମହାନ୍ତଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ୍ରଚନ୍ଦ୍ର ରାଉତ ପୁଷ୍ପଗୁଚ୍ଛ ଓ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଶିକ୍ଷକ ଅମିତାଭ ମିଶ୍ର, ଅମୂଲ୍ୟ କୁମ୍ଭକାର, ମନୋଜ କୁମାର ପରିଡା, ଉପେନ୍ଦ୍ର ନାଥ ବେହେରା, ପ୍ରଦୀପ କୁମାର ଦଣ୍ଡପାଟ ପ୍ରମୁଖ ନୂତନ ଶିକ୍ଷକ ଶିକ୍ଷୟତ୍ରୀଙ୍କର ଉତ୍ତରୋତ୍ତର ଉନ୍ନତିକାମନା କରିଥିଲେ। ସୂଚନାଯୋଗ୍ୟ ଦୀର୍ଘଦିନରୁ ଖାଲିରହିଥିବା ଟିଜିଟି ଆର୍ଟସଗୁଡିକ ପୂରଣହେବା ଫଳରେ ଶିକ୍ଷକଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

# ପିଆରଏମ ମେଡିକାଲ କଲେଜ ଅଧିକ୍ଷକଙ୍କ ବଦଳି ସହ ଉନ୍ନତ ଚିକିତ୍ସା ପ୍ରଦାନ ଦାବି

ବାରିପଦା, ୦୨/୦୮ (ନି.ପ୍ର): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଦାୟିତ୍ୱରେ ଥିବା ଅନଭିଜ୍ଞ ସୁପରୀଟେଣ୍ଡେଣ୍ଟ, ବେପାରୀ ମନବୃତି ଥିବା ପ୍ରଫେସର, ଡାକ୍ତର ଓ କର୍ମଚାରୀ ମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆଦିବାସୀ ବହୁଳ ମୟୁରଭଂଜ ଜିଲ୍ଲାର ବହୁ ଲୋକ ମୃତ୍ୟୁ ମୁଖରେ ପଡିବା ସହିତ ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଏବଂ ରାଜ୍ୟ ସରକାର ଓ ମୟୁରଭଂଜ ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ମଧ୍ୟ କୌଣସି କଥାରେ ହସ୍ତକ୍ଷେପ କରୁନାହାନ୍ତି ବୋଲି ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଅଭିଯୋଗ କରିବା ସହିତ ଭଞ୍ଜସେନା ପକ୍ଷରୁ ତୁରନ୍ତ ମେଡିକାଲ କଲେଜର ଅନଭିଜ୍ଞ ସୁପାରିଟେଣ୍ଡେଣ୍ଟ କୁ ଏଠାରୁ ବଦଳି କରି ଜଣେ ଅଭିଜ୍ଞ ଲୋକଙ୍କୁ ମେଡିକାଲ ସୁପରିଟେଣ୍ଡେଣ୍ଟ କରିବାର ଦାବୀ କରିବା ସହିତ ମେଡିକାଲ କଲେଜରେ କାର୍ଯ୍ୟରତ ପ୍ରଫେସର, ଡାକ୍ତର ଓ କର୍ମଚାରୀ ମାନଙ୍କୁ ସାଧାରଣ ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଦାବୀ ନେଇ ଚଳିତ ଅଗଷ୍ଟ ମାସ ୩ତାରିଖ ବୁଧୁବାର ଦିନ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସେବାରେ ସୁଧାର ନଆସିଲେ ଭଂଜସେନା ସାଧାରଣ ଜନତାଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଯେକୌଣସି ସ୍ତରକୁ ଯିବାକୁ ପଛାଇବ ନାହିଁ ବୋଲି ସଂଗଠନ ସଭାପତି ପିଣ୍ଟୁ ମାଇତି ଏବଂ ଜିଲ୍ଲା ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବାର୍ତାରେ ଜଣାଇଛନ୍ତି।

# କାଶ୍ମୀର ଆପେଲ ବାର୍ ଚାଷ ନିଶାରେ ଯୁବକ : ପ୍ରେରଣାରେ ବହୁ ଚାଷୀ ସାମିଲ



ଜଳେଶ୍ୱର, ୦୨/୦୮ (ନି.ପ୍ର): କୋଭିଡ୍ ୧୯ର ତାଲାବନ୍ଦ ସମୟରେ ସବୁ ସ୍ତରର ଲୋକଙ୍କ ଜୀବନ ଜିବିକାକୁ ପ୍ରଭାବିତ କରିଥିବା ବେଳେ ଏବେ ନୂଆ ଉଦ୍ଦିପନାରେ କେତେକ ଯୁବକ ନୂତନତ୍ୱ ପ୍ରଦର୍ଶନ କରି ଚାଲିଛନ୍ତି। ସେଥିମଧ୍ୟରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ଗୋପାଳ ପ୍ରସାଦ ଗାଁର ଚନ୍ଦନ ଖଟୁଆ ଅନ୍ୟତମ। ବିଭିନ୍ନ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଇ ଆସୁଥିବା ଚନ୍ଦନ ଖଟୁଆ କରୋନାର ଭୟାବହତା ପରେ ନିଜ ଅଂଚଳରେ କାଶ୍ମୀର ଆପେଲ ବାର୍ ଚାଷ କରି ଏକ ଇତିହାସ ସୃଷ୍ଟି କରିଛନ୍ତି। ରାଇବଣିଆ ଥାନା ଇଲାକା ପାହାଡିଆ, ଉଚ୍ଚ ଏବଂ ଜଳ ସେଚନର ସୁବିଧା ନଥିବା ଏକ ଅଂଚଳ ଭାବେ ପରିଚିତ। ଜଳ ସେଚନର ସୁବିଧା ନଥିବାରୁ ଚନ୍ଦନ ଏକ ୟୁଟ୍ୟୁବରୁ କାଶ୍ମୀର ଅପେଲ ବାର ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଫାର୍ମାସୀ ଓ ଏମ୍‌ସିଏ ପାସ୍ କରିଥିବା ଶିକ୍ଷିତ ଚନ୍ଦନ ଏହି ଚାଷ କରିବାକୁ ମନବଳାଇ ୮୮ କି.ମି ଦୂର ପଶ୍ଚିମବଂଗର ହାଓ୍ୱଡରୁ କାଶ୍ମୀର ଆପେଲ ବାର୍‌ର ଚାରା ସଂଗ୍ରହ କରିଥିଲେ। ପ୍ରତିଚାରାକୁ ୭୦ ଟଙ୍କାରେ କିଣି ପ୍ରାୟ ୬୦୦ ଚାରା ରୋପଣ କରିଛନ୍ତି। ସାର ଓ ଔଷଧ, ମଜୁରୀ, ପରିବହନ ବାବଦକୁ ପ୍ରତି ଗଛପ୍ରତି ଅନ୍ୟୁନ ୧୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ସେ ୨ ଏକ ସ୍ଥାନରେ ଏପରି ଚାଷ କରି ତାର ଯତ୍ନ ନିଜେ ନେଉଛନ୍ତି। ଗଛ ଲଗାଇବାର ପ୍ରଥମ ୫ ମାସରୁ ଗଛ ବଡ ହୋଇନଥିବା ବେଳେ ଫାଙ୍କାସ୍ଥାନରେ ଚଳିତବର୍ଷ ୨୫ କ୍ୟୁଣ୍ଟଲ କଲରା ଓ ୨୦ କ୍ୟୁଣ୍ଟାଲ କାକୁଡି ଉତ୍ପାଦନ କରି ସ୍ଥାନୀୟ ଚାଷୀଙ୍କ ଆଖି ଦୃଶିଆ ହୋଇଛନ୍ତି। ଏସବୁ ବାବଦରେ ଅଦ୍ୟାବଧି ୨.୫ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ଏବେ ଫଳ ଫଳିବା ଆରମ୍ଭ ହୋଇଛି। ଏହି ଗଛରେ ଏବେ କାଶ୍ମୀର ଆପେଲ ଫଳିବା ଆରମ୍ଭ ହୋଇଥିବା ବେଳେ ପ୍ରତି ଗଛରୁ ୪୦ କି.ଗ୍ରା ଉତ୍ପାଦନ କରିବା ଲକ୍ଷ୍ୟ ରଖିଛନ୍ତି। ୬୦୦ ଗଛରୁ ୨୪୦ କ୍ୟୁଣ୍ଟାଲ ଫଳ ଅମଳ କରିବାକୁ ଥିବା ବେଳେ କିଲୋପ୍ରତି ୫୦ଟଙ୍କାରେ ବିକ୍ରି କରି ଅନ୍ୟୁନ ୬ଲକ୍ଷ ଟଙ୍କା ପାଇବେ ବୋଲି ସାମ୍ବାଦିକ ମାନଙ୍କ କହିଛନ୍ତି। ପ୍ରଥମ ବର୍ଷରେ ଅଢେଇ ଲକ୍ଷ ଟଙ୍କା ଖର୍ଚ୍ଚ କରି ୬ଲକ୍ଷ ଟଙ୍କାପାଇବାର ଆଶା ରଖିଥିବା ବେଳେ ଦ୍ୱିତୀୟ ବର୍ଷରେ ଏହାଠାରୁ ଅଧିକ ଲାଭ କରିବେ ବୋଲି ଆଶା ବାନ୍ଧିଛନ୍ତି। ଏହି ଚାଷ ଦେଖିବାପାଇଁ ବାଲେଶ୍ୱର, ମୟୂରଭଂଜ, ମେଦିନୀପୁର ଜିଲାର ଚାଷୀମାନେ ଦେଖିବାଲାଗି ଆସୁଥିବା ବେଳେ ଅଭିଜ୍ଞାତା ସାଉଁଟୁଥିବା ଜଣାଯାଇଛି। ଅମଳପରେ କେବଳ ଜଳେଶ୍ୱର ନୁହେଁ, ବାଲେଶ୍ୱର, ବାରିପଦା, ଖଡଗପୁର ଅଂଚଳକୁ ସେ ରପ୍ତାନୀ ଲାଗି ପ୍ରସ୍ତୁତ ରହିଥିବା କହିଛନ୍ତି।

# ଜିଲ୍ଲା କାର୍ଯ୍ୟାଳୟରେ ଅନୁଭାଗ ସ୍ତରୀୟ ଦାୟିତ୍ୱ ଆବଣ୍ଟନ

ଭଦ୍ରକ, ୦୨/୦୮ (ନି.ପ୍ର): ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁମୋଦନ କ୍ରମେ ଜିଲ୍ଲା କାର୍ଯ୍ୟାଳୟର ପ୍ରତିଷ୍ଠାନ ଅନୁଭାଗ ଦ୍ୱାରା ଜାରି କରାଯାଇଥିବା କାର୍ଯ୍ୟାଳୟ ଆଦେଶ ମତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳ ଓ ସହାୟକ ଜିଲ୍ଲାପାଳମାନଙ୍କ ମଧ୍ୟରେ ଦାୟିତ୍ୱ ଆବଣ୍ଟନ କରାଯାଇଛି। କନିଷ୍ଠ ଓ.ଏ.ଏସ୍ ଅଧିକାରୀ ସହକାରୀ ଜିଲ୍ଲାପାଳ ରୂପେ କାର୍ଯ୍ୟରତ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଭୂଅର୍ଜନ, ସ୍ୱତନ୍ତ୍ର ଭୂଅର୍ଜନ, ରାଜସ୍ୱ, ବିଚାର, ମନୋରମା ଜାଲିଙ୍କୁ ଜରୁରୀକାଳୀନ ଓ ପ୍ରତିଷ୍ଠାନ, କସ୍ତୁରୀବାଳା ଜେନାଙ୍କୁ ନିର୍ବାଚନ, ନିଜାରତ, ଅଡ଼ିଟ୍, ଜନଶୁଣାଣି, ମୋ ସରକାର ବିଭାଗର ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ଓ.ଆର.ଏସ୍ ଅଧିକାରୀ ସହାୟକ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ବସନ୍ତ କୁମାର ଲେଙ୍କାଙ୍କୁ ସାଧାରଣ ଓ ବିବିଧ, ଆର୍.ଟି.ଆଇ, ଚକବନ୍ଦି ଓ ବି.ସି.ପି. (ବାଉଣ୍ଡାରୀ ଚେଞ୍ଜ ପ୍ରୋସିଡ଼ିଂ), ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ସ୍ୱତନ୍ତ୍ର ଭୂଅର୍ଜନ ସେଲର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ କାର୍ଯ୍ୟ ପାଇଁ ଜିଲ୍ଲା କାର୍ଯ୍ୟାଳୟର ଆସୁଥିବା ଜନ ସାଧାରଣ ନିଜ ନିଜର କାର୍ଯ୍ୟ ପାଇଁ ଆବଶ୍ୟକ ମତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ ଯୋଗଯୋଗ କରିପାରିବେ।

# ଗୋଟିଏ ଦିନରେ ୭୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୪୬୮୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୩୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୮୮୭୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୬୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୩୩ ଜଣ ସଂଗରୋଧରୁ ଓ ୩୦୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩, ବାଲେଶ୍ୱର ଜିଲ୍ଲାରେ ୧୨, ବରଗଡ ଜିଲ୍ଲାରେ ୧୭, ଭଦ୍ରକ ଜିଲ୍ଲାରେ ୧୨, ବଲାଙ୍ଗୀର ଜିଲ୍ଲାରେ ୨୮, ବୌଦ୍ଧ ଜିଲ୍ଲାରେ ୬, କଟକ ଜିଲ୍ଲାରେ ୩୮ . ଦେବଗଡ, ଜିଲ୍ଲାରେ ୯, ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୫ , ଗଂଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୫ ,ଯାଜପୁର ଜିଲ୍ଲାରେ ୧୦, ଝାରସୁଗୁଡା ଜିଲ୍ଲାରେ ୬ . କଳାହାଣ୍ଡି ଜିଲ୍ଲାରେ ୩୬, କନ୍ଧମାଳ ଜିଲ୍ଲାରେ ୧୫, କେନ୍ଦ୍ରାପଡା ଜିଲ୍ଲାରେ ୫, ଖୋର୍ଧା ଜିଲ୍ଲାରେ ୧୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୬, ମୟୁରଭଂଜ ଜିଲ୍ଲାରେ ୫୯ , ନବରଙ୍ଗପୁର ଜିଲ୍ଲାରେ ୧୧.ନୟାଗଡ ଜିଲ୍ଲାରେ ୮, ନୂଆପଡା ଜିଲ୍ଲାରେ ୧୬, ପୁରୀ ଜିଲ୍ଲାରେ ୨୧ , ରାୟଗଡା ଜିଲ୍ଲାରେ ୧୦, ସମ୍ବଲପୁର ଜିଲ୍ଲାରେ ୪୧, ସୋନପୁର ଜିଲ୍ଲାରେ ୨୦ ,ସୁନ୍ଦରଗଡ ଜିଲ୍ଲାରେ ୧୭୬ ଓ ଷ୍ଟେଟ ପୁଲରେ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଅରୁଣ ଦେଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ : ସଂଘର୍ଷର ଅନ୍ୟନାମ 'ଦାଦା'



ବାଲେଶ୍ୱର,୦୨/୦୮ (ନି.ପ୍ର): ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଓଡ଼ିଶା ରାଜନୀତିର ପ୍ରବୀଣ ରାଜନୈତିଜ୍ଞ ତଥା ମହାନ ଜନନାୟକ ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେ (ଦାଦା)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ମଙ୍ଗଳବାର ଦିବସବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ସକାଳେ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ଦେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ରାଜ୍ୟ ରାଜ୍ୟ ଶିକ୍ଷ ମନ୍ତ୍ରୀ ପ୍ରତାପ ଦେବ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମିଳିତ ଭାବେ ଦାଦାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ପରେ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ତଥା ସ୍ୱର୍ଗତ ଦେଙ୍କ ଭଉଣୀ ପ୍ରଫେସର ବାସନ୍ତି ଚକ୍ରବର୍ତ୍ତୀ ଏଥିରେ ସଭାପତିତ୍ୱ ଦାଦାଙ୍କ ସ୍ୱପ୍ନ ସାକାର ଦିଗରେ ପ୍ରଚେଷ୍ଟା କଲେ ଜିଲାବାସୀ ଅଧିକ ଖୁସୀ ହୁଅନ୍ତେ ବୋଲି ସେ କହିଥିଲେ । ବିଶେଷ କରି ବାଲେଶ୍ୱରରେ ଶିକ୍ଷାୟନର ବିକାଶ ପ୍ରତି ଗୁରୁତ୍ୱ ଦେଲେ ଅବହେଳିତ ଶ୍ରମିକ ସମାଜଙ୍କ ଉନ୍ନତି ହୋଇ ପାରନ୍ତା ଶ୍ରୀମତୀ ଚକ୍ରବର୍ତ୍ତୀ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ, ସଦର ବିଧାୟକ ଶ୍ରୀ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ତ୍ରିପାଠୀ ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ସମେତ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭୋଗରାଇ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ଡାକ୍ତର ଦାମୋଦର ରାଉତ, ପଦ୍ମଲୋକଚନ ପଣ୍ଡା, ପ୍ରଫୁଲ ସାମଲ ଓ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପ୍ରଦୀପ୍ତ ପଣ୍ଡା, ଚିତ୍ତରଂଜନ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ କେ ରବି, ସମାଜସେବୀ ସୁବାସିନୀ ଜେନା, ସାମାଜିକ କର୍ମୀ ତଥା 'ମାଆ ଘର' ମୁଖ୍ୟ ଋତୁପର୍ଣ୍ଣା ମହାନ୍ତି, କର୍ଣ୍ଣେଲ ଶରତ ମହାପାତ୍ର, ଶରତ ଚନ୍ଦ୍ର ଦାଶ, ଆଇନଜୀବୀ ଶରତ ମହାପାତ୍ର, ତପନ ଚକ୍ରବର୍ତ୍ତୀ, ଗୌରୀ ରାଉତ, ଗିରୀଶ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦେଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ଦାଦା କେବଳ ବାଲେଶ୍ୱର ନୁହେଁ ବରଂ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ଥିଲେ । ସମାଜର ଅବହେଳିତ, ଖଟିଖିଆ ମେହେନତି ମଣିଷଙ୍କ ଉନ୍ନତି ପାଇଁ ସେ ଜୀବନ ତମାମ କାର୍ଯ୍ୟ କରିଆସିଥିଲେ । କୌଣସି ଦଳର ଚାରିକାନ୍ଥ ମଧ୍ୟରେ ନ ରହି ସେ ସ୍ପଷ୍ଟ ମତ ରଖିପାରୁଥିଲେ । ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପାଇଁ ବିଧାନସଭାରେ ଦାଦାଙ୍କ ପ୍ରଶ୍ନ ଉତ୍ଥାପନ ରାଜ୍ୟର ଅନ୍ୟାନ୍ୟ ବିଧାୟକଙ୍କୁ ଦିଶା ଦେଖାଉଥିଲା ବୋଲି ବକ୍ତାମାନେ କହିଥିଲେ । ବିଧାନସଭା ଭିତରେ ଓ ବାହାରେ ତାଙ୍କର ସଂଘର୍ଷ କେବଳ ସାଧାରଣ ଜନତାଙ୍କ ପାଇଁ ଥାଏ । ଏହି ସଂଘର୍ଷ ଜୀବନ ତମାମ ସେ ଜାରି ରଖିଥିଲେ । ତାଙ୍କର ଅବର୍ତ୍ତମାନ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଏହି ସ୍ମୃତିସଭାରେ ସମସ୍ତେ ପ୍ରକାଶ କରିଥିଲେ ।

# ବଜ୍ରାଘାତରେ ଚାଷୀର ମୃତ୍ୟୁ : ସରକାରୀ ସାହାଯ୍ୟ ପାଇଁ ପରିବାରର ନିବେଦନ



ନୀଳଗିରି, ୦୨/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମପଞ୍ଚାୟତର କାଦୁଆଣି ଗ୍ରାମରେ ମଙ୍ଗଳବାର ଦିନ ପ୍ରାୟ ୨ଘଟିକା ସମୟରେ ବଜ୍ରାଘାତରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି । ମୃତ ଚାଷୀ ଜଣକ ହେଲେ ଉପେନ୍ଦ୍ର ମଲ୍ଲିକଙ୍କ ପୁଅ ଜଗନ୍ନାଥ (୩୨) ବୋଲି ଜଣାପଡିଛି । ସୂଚନା ଅନୁସାରେ କାଦୁଆଣି ଗ୍ରାମର ଜଗନ୍ନାଥ ମଲ୍ଲିକ ମଙ୍ଗଳବାର ଦିନ ୨ଘଟିକା ସମୟରେ ନିଜ ଘର ଠାରୁ କିଛି ଦୂରରେ ଥିବା ବିଲରେ ଚାଷ କାମ ପାଇଁ ଯାଇଥିଲେ । ସେହି ସମୟରେ ହଠାତ ବଜ୍ରଘାତ ହୋଇଥିଲା । ବଜ୍ରଘାତ ଫଳରେ ସେ ବିଲରେ ହଠାତ ବେହୋଶ ହୋଇ ପଡିଥିଲେ । ଅନତି ଦୂରରେ ଜଗନ୍ନାଥର ବାପା ଉପେନ୍ଦ୍ର ଗୋରୁ ଚରାଉଥିଲେ । ପୁଅ ବିଲରେ ପଡିଜିବା ଦେଖି ପାଖକୁ ଦୌଡି ଆସୁଥିଲେ । ଏହା ସହିତ ପାଖରେ କାମକରୁଥିବା ଅନ୍ୟ ଚାଷୀମାନେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଜଗନ୍ନାଥଙ୍କୁ ଉଦ୍ଧାର କରି ପ୍ରଥମେ ବରହମପୁର ମେଡିକାଲକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବରହମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ସବ ବେବଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଇଥିଲେ । ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପରିବାର ଜଗନ୍ନାଥଙ୍କ ଉପରେ ନିର୍ଭର କରୁଥିବାରୁ ତାଙ୍କର ବୃଦ୍ଧ ବାପା ସରକାରୀ ସ୍ତରରେ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାୟୋଗ୍ରାଫି ଲେଖିବେ ସନ୍ଦୀପ ସାହୁ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଦେଶର ପଂଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆତ୍ମଜୀବନି ଲେଖାଯିବ । ଓଡିଶାର ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଦ୍ରୌପଦୀ ମୁର୍ମୁଙ୍କ ସଂଘର୍ଷର କାହାଣୀ ଲେଖିବେ । ପ୍ରକାଶନ ସଂସ୍ଥା ପେଙ୍ଗୁଇନ ରେଣ୍ଡମ ହାଉସ ଇଣ୍ଡିଆ(ପିଆରଏଚଆଇ) ମଙ୍ଗଳବାର ଏହି ଘୋଷଣା କରିଛି । 'ମ୍ୟାଡମ ପ୍ରେସିଡେଂଟ: ଏ ବାୟୋଗ୍ରାଫି ଅଫ ଦ୍ରୌପଦୀ ମୁର୍ମୁ' ଭାରତର ୧୫ତମ ରାଷ୍ଟ୍ରପତିଙ୍କ ଏହା ପ୍ରଥମ ପ୍ରାମାଣିକ ବାୟୋଗ୍ରାଫି ହେବ । ଏଥିରେ ତାଙ୍କର ବାଲ୍ୟଜୀବନ, ସଂଘର୍ଷ, ରାଜନୈତିକ ଜୀବନ ଏବଂ କାଉନସିଲରରୁ ରାଷ୍ଟ୍ରପତି ପର୍ଯ୍ୟନ୍ତ ଯାତ୍ରା ସବୁ ଉଲ୍ଲେଖ ରହିବ । ଏସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଶ୍ରୀ ସାହୁ କହିଛନ୍ତି, ପେଙ୍ଗୁଇନ ଇଣ୍ଡିଆ ଏ ନେଇ ମୋ ସହ ଯୋଗାଯୋଗ କରିଥିଲେ ।

## କାନାଚକ ସେକ୍ଟରରେ ପ୍ରବେଶ କରିଥିବା ପାକିସ୍ଥାନ ଡ୍ରୋନ ଉପରେ ବିଏସଏଫ ଯବାନ ଗୁଳି କରିଛନ୍ତି

ଜମ୍ମୁ,୦୨/୦୮ (ନି.ପ୍ର): ଜାମ୍ମୁର କାନାଚକ ସେକ୍ଟରରେ ଭାରତୀୟ ଅଂଚଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଏକ ପାକିସ୍ଥାନୀ ଡ୍ରୋନ ବିଏସଏଫ କର୍ମଚାରୀଙ୍କ ଦ୍ୱାରା ଗୁଳି ଚଳାଇ ନିଜ ଅଂଚଳକୁ ଫେରିବାକୁ ବାଧ୍ୟ କରିଥିଲା । ସୋମବାର ରାତିରେ ପାକିସ୍ଥାନୀ ଡ୍ରୋନକୁ ଗୋଡ଼ାଇବା ପରେ ମଙ୍ଗଳବାର ସକାଳେ ବିଏସଏଫ ଏବଂ ଜମ୍ମୁ କାଶ୍ମୀର ପୋଲିସ କର୍ମଚାରୀ ସୀମା ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ସୋମବାର ରାତିରେ କାନାଚକରେ ଥିବା ଆନ୍ତର୍ଜାତୀୟ ସୀମା ନିକଟରେ ବିଏସଏଫ କର୍ମଚାରୀମାନେ ଆକାଶରେ ପାକିସ୍ଥାନୀ ଡ୍ରୋନର ଆଲୋକ ଦେଖିବା ପରେ ସତର୍କ ହୋଇଯାଇଥିଲେ । ଏହି ସମୟରେ ଡ୍ରୋନ ସୀମା ନିକଟରେ ପହଂଚିବା ମାତ୍ରେ ବିଏସଏଫ କର୍ମଚାରୀମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଗୁଳି ବିନିମୟ ପରେ ପାକିସ୍ଥାନୀ ଡ୍ରୋନ ନିଜ ଅଂଚଳକୁ ଫେରି ଆସିଥିଲା ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଉପକରଣ ନିରୂପଣ ଶିବିର



ବାଲିଆପାଳ, ୦୨/୦୮ (ନି.ପ୍ର): ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ବାଲିଆପାଳ ବ୍ଲକରେ ବୃଦ୍ଧ,ବୃଦ୍ଧା ଓ ଦିବ୍ୟାଙ୍ଗ ଲୋକମାନଙ୍କର ଉପକରଣ ନିରୂପଣ ପାଇଁ ବ୍ଲକ କାର୍ଯ୍ୟାଳୟରେ ଏକ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିଆପାଳ ବ୍ଲକର ୭୧୮ ଜଣ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ହିତାଧିକାରୀ ପଞ୍ଜୀକରଣ କରିଥିଲେ । ଉପସ୍ଥିତ ଡାକ୍ତର ମାନେ ପରୀକ୍ଷା କରି ୭୦୨ ଜଣଙ୍କୁ ଯୋଗ୍ୟ ବିବେଚିତ କରିଥିବା ବେଳେ ୧୬ ଜଣଙ୍କୁ ନାକଚ କରିଥିଲେ । ଏହି ଚିହ୍ନଟ ଶିବିରରେ ଡାକ୍ତର ଗୌରୀଶଙ୍କର ବେହେରା,ଡାକ୍ତର ସ୍ୱାତୀ ଗିରି,ଡାକ୍ତର କୌଶିଳେଶ ସାହୁ ,ଡାକ୍ତର ଚିରଞ୍ଜିବ ପ୍ରମୁଖ ଉପସ୍ଥିତ ରହି ଆସିଥିବା ଦିବ୍ୟାଙ୍ଗ ଏବଂ ବୃଦ୍ଧ ବୃଦ୍ଧାମାନଙ୍କୁ ପରୀକ୍ଷା କରିଥିଲେ । ବାଲିଆପାଳ ବିଡିଓ ଦୀପକ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆଜିର ଏହି ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ଅଧିକାରୀଣୀ ଜିନାରାଣୀ ପାଢୀ,କନିଷ୍ଠ ସହାୟକ ଶର୍ମିଷ୍ଠା ପାତ୍ର,ପ୍ରୋଗ୍ରାମ ସହାୟକ ଚିରଞ୍ଜିବ ପାଠୀ,ଡଗରା ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ଏବଂ ଆଇସିଡିଏସର କର୍ମକର୍ତାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୂଚାରୂପେ ପରିଚାଳନା କରିଥିଲେ ।

## ପୋଲିସ ପୋଷ୍ଟ ନିକଟରେ ଗ୍ରେନେଡ଼ ବିସ୍ଫୋରଣ, କେହି ଆହତ ହୋଇନାହାଁନ୍ତି

ରାମବନ, ୦୨/୦୮ (ନି.ପ୍ର): ରାମବାନ ଜିଲ୍ଲାର ଏକ ସୁଦୂର ଅଂଚଳରେ ଥିବା ଗୋଲ୍‌ସ୍ଥିତ ପୋଲିସ ପୋଷ୍ଟ ନିକଟରେ ଗ୍ରେନେଡ଼ ବିସ୍ଫୋରଣ ପରେ ଏହି ଅଂଚଳରେ ଏକ ହାଇ ଆଲର୍ଟ କରି ଦିଆଯାଇଛି । ଅଧିକାରୀମାନେ ମଙ୍ଗଳବାର ଦିନ କହିଛନ୍ତିଯେ, ସୋମବାର ରାତିରେ ଗ୍ରେନେଡ଼ ବିସ୍ଫୋରଣ ଘଟଣା ଘଟିଛି । ଇନ୍ଦ୍ର ପୋଲିସ ପୋଷ୍ଟ ନିକଟରେ ଥିବା ସତ୍ରି ପୋଷ୍ଟ ନିକଟରେ ଏହି ଗ୍ରେନେଡ଼ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପରେ ପୋଲିସ ପୋଷ୍ଟରେ ପୋଷ୍ଟ ହୋଇଥିବା ସନ୍ତରୀ ଅନେକ ଗୁଳି ଚଳାଇଥିଲା କିନ୍ତୁ ଘଟଣାରେ କୌଣସି ମୃତାହତ ହୋଇନଥିବା ଜଣାଯାଇଛି । ଏଡ଼ିଜିପି ଜମ୍ମୁ ମୁକେଶ ସିଂ କହିଛନ୍ତି ଯେ, ଏହି ଆତଙ୍କବାଦୀ ସଂଗଠନ ଜମ୍ମୁ କାଶ୍ମୀର ଜଗନାଭି ଫୋର୍ସ (ଜେକେଜିଏଫ) ଏହି ବିସ୍ଫୋରଣ ପାଇଁ ଦାୟୀ କରିଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଦ୍ରକ, ୦୨/୦୮ (ନି.ପ୍ର): ଆଗାମୀ ୭୬ତମ ସ୍ୱାଧୀନତା ଦିବସ - ୨୦୨୨କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁପାଳନ ପୂର୍ବକ କୋଭିଡ୍ କଟକଣା ଅନୁଯାୟୀ ସ୍ୱାଧୀନତା ଦିବସକୁ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଭଦ୍ରକ ପୌରାଞ୍ଚଳରେ ରାମଧୂନ ପରିକ୍ରମା କରାଯିବ । ସକାଳ ୭.୩୦ମିନିଟ୍‌ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ କୋଭିଡ଼୍ ନିୟମ ଅନୁପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ । ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରାଯିବ । ମୁଖ୍ୟ ଅତିଥିଙ୍କ ଦ୍ୱାରା ନେହେରୁ ଷ୍ଟାଡ଼ିୟମ୍ ଠାରେ ସକାଳ ଘ୯.୧୫ମିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନରେ ପତାକା ଉତ୍ତୋଳନ କରାଯିବା । ଏ ବର୍ଷ ଆନୁଷ୍ଠାନିକ ପ୍ୟାରେଡ଼ କି ମାର୍ଚ୍ଚପାଷ୍ଟ ହେବ ନାହିଁ । ଆର.ଆଇ ପୋଲିସ୍‌ଙ୍କ ତତ୍ତ୍ୱାବଧାନରେ ୨ଟି ପୋଲିସ୍ ବାହିନୀ ଜାତୀୟ ପତାକାକୁ ସମ୍ମାନ ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । ସ୍କୁଲ କଲେଜ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିବେ ନାହିଁ । ସିମୀତ ସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ । ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ପ୍ରବନ୍ଧ, କୁଇଜ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବ । କରୋନା ଯୋଦ୍ଧାଙ୍କୁ ଏହି ଉତ୍ସବକୁ ନିମନ୍ତ୍ରଣ କରାଯିବ । ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ସ୍ୱରାଷ୍ଟ୍ର ବିଭାଗର ମାର୍ଗ ଦର୍ଶିକା ଅନୁପାଳନ ପୂର୍ବକ ସ୍ୱାଧୀନତା ଦିବସ ପାଳନ କରିବା ନିମନ୍ତେ ସ୍ଥିର କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ରାମଦାସ ଟୁଡୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ ।

# ମୋବାଇଲ ପାଇଁ ଜୀବନ ହାରିଲେ ନାବାଳିକା



ବାଲିଆପାଳ, ୦୨/୦୮ (ନି.ପ୍ର): ମୋବାଇଲ ବ୍ୟବହାର କରିବାକୁ ବାରଣ କରିବାରୁ ବିଷ ପିଇ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟୀ ଗ୍ରାମରେ ଘଟିଯାଇଛି । ସୂଚନାରୁ ପ୍ରକାଶ ବାଲିକୁଟୀ ଗ୍ରାମର ଅଶ୍ୱିନୀ କୁମାର ଦଳାଇଙ୍କର ଦଶମ ଶ୍ରେଣୀରେ ପାଠପଢୁଥିବା ୧୬ ବର୍ଷର ନାବାଳିକା କନ୍ୟା ପାଠନ ପଢି ସବୁବେଳେ ମୋବାଇଲ ବ୍ୟବହାର କରୁଥିଲେ । ପରିବାର ଲୋକେ ବାରଣ କଲେ ଆତ୍ମହତ୍ୟାର ଧମକ ମଧ୍ୟ ଦେଉଥିଲେ । ତେବେ ଆଜି ନାବାଳିକା ଜଣଙ୍କ ପାଠ ପଢି ମୋବାଇଲ ବ୍ୟବହାର କରୁଥିବା ପରିବାର ଲୋକ ଜାଣିବା ପରେ ନାବାଳିକାକୁ ତାଗିଦ କରିଥିଲେ । ଏଥିରେ ନାବାଳିକା ଜଣଙ୍କ ଉତକ୍ଷିପ୍ତ ହୋଇ ଘରେ ଚାଷ ଜମିରେ ବ୍ୟବହାର ହେବା ପାଇଁଥିବା କୀଟନାଶକ ପିଇ ଦେଇଥିଲେ । ପରିବାର ଲୋକେ ଜାଣିପାରି ନାବାଳିକାକୁ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ । ମାତ୍ର ସେତେବେଳେକୁ ବହୁ ବିଳମ୍ବ ହୋଇସାରିଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଲିଆପାଳ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଂଚି ଶବ ଜବଦ କରି ତଦନ୍ତ ଜାରି ରଖିଛି । ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ହେରାଲ୍ଡ ହାଉସ୍‌ରେ ହୋଇଥିବା ଚଢାଉ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ : କଂଗ୍ରେସ

ନୂଆଦିଲ୍ଲୀ, ୦୨/୦୮ : ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ମଙ୍ଗଳବାର ଦିନ ନ୍ୟାସନାଲ ହେରାଲ୍ଡର ଦିଲ୍ଲୀ ଅଫିସ୍ ହେରାଲ୍ଡ ହାଉସ୍ ସମେତ କୋଲକାତା ଏବଂ ଦେଶର ଅନ୍ୟ ୧୨ ସ୍ଥାନରେ ଚଢ଼ାଉକୁ କଂଗ୍ରେସ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ କହିଛି । କଂଗ୍ରେସ ମହାସଚିବ ଜୟରାମ ରମେଶ ଟ୍ୱିଟ୍ କରି କହିଛନ୍ତି ଯେ କେନ୍ଦ୍ର ସରକାର ଭାରତର ମୁଖ୍ୟ ବିରୋଧି ଦଳକୁ ଜାଣିଶୁଣି ହଇରାଣ କରୁଛି । ରମେଶ କହିଲେ ଯେ ମୋଦୀ ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠାଇବା କାରଣରୁ କଂଗ୍ରେସକୁ ଚୁପ୍ କରିବାର ଚେଷ୍ଟା କରାଯାଉଛି କିନ୍ତୁ କଂଗ୍ରେସ ବିନା ଭୟରେ ଜନତାଙ୍କ ମୁଦ୍ଦାକୁ ଉଠାଇଛି । ଜୟରାମ ରମେଶ କହିଛନ୍ତି ଭାରତର ମୁଖ୍ୟ ବିରୋଧି ଦଳ କଂଗ୍ରେସ ବିରୋଧରେ ଜାରି ପ୍ରହାର ଭାବେ ବାହାଦୂର ଶାହ ଜଫର ମାର୍ଗ ସ୍ଥିତ ହେରାଲ୍ଡ ହାଉସ୍‌ରେ ଚଢ଼ାଉ କରାଯାଇଛି । ଯାହାକୁ କଂଗ୍ରେସ କଡ଼ା ଭର୍ତ୍ସନା କରିଛି ।

# ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ବାରିପଦ, ୦୨/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସର ପ୍ରଥମ ସୋମବାର ତା.୦୧.୦୮.୨୦୨୨ ରିଖରେ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ. ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ଶ୍ରୀ ଋଷିକେଷ ଦ୍ୟାନଦେଓ ଖିଲାରୀ, ଭା.ପୋ.ସେ. ଙ୍କ ତତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣ ଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୧୦୬ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା । ଏଥିରେ ୯୭ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୯ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୁହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ଆସିଥିବା ୧ଟି ଆବେଦନ ପତ୍ର ଉପରେ ଜିଲ୍ଲାପାଳ ପରିସ୍ଥିତି କୁ ବିଚାର କରି ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରିଥିବାବେଳେ ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ସହାୟତା ପାଇଁ ଆସିଥିବା ୨ଟି ଆବେଦନ ପତ୍ର ଉପରେ ବିଚାର କରି ଜଣେ ହିତାଧିକାରୀଙ୍କୁ ୧୦ ହଜାର ଓ ଅନ୍ୟ ଜଣେ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ମଞ୍ଜୁର କରିଥିଲେ । ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ ଭାପ୍ରସେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ପ୍ରମୁଖ ସମେତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ୍ ଅଧିକାରୀ,ଡେପୁଟି କଲେକ୍ଟର ସୁଜୟ କୁମାର ପତି ଏବଂ ସଂପୃକ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅରୁଣ ଦେଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଛାତ୍ର ବିଜେଡିର ରକ୍ତଦାନ



ବାଲେଶ୍ୱର,୦୨/୦୮ (ନି.ପ୍ର): ବାଲେଶ୍ୱର ମାଟିର ଗୌରବ ପ୍ରବୀଣ ରାଜନୈତିଜ୍ଞ ପୂର୍ବତନ ବିଧାୟକ ଅରୁଣ ଦେଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ବିଜୁ ଛାତ୍ରଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତଭଣ୍ଡାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ୱଗର୍ତ ଦେଙ୍କ ସ୍ମୃତିରେ ଆୟୋଜିତ ଏହି ଶିବିରକୁ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ମିଳିତ ଭାବେ ଉଦଘାଟନ କରିଥିଲେ । ବାଲେଶ୍ୱରବାସୀଙ୍କ ସ୍ୱାର୍ଥରକ୍ଷାରେ ଜୀବନ ତମାମ ସଂଗ୍ରାମ ଜାରି ରଖିଥିବା ପ୍ରିୟ ଦାଦାଙ୍କ ପ୍ରତି ବିଜୁ ଛାତ୍ରଜନତା ଦଳର ଏହି ସେବାମୂଳକ କାର୍ଯ୍ୟ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଏହିଭଳି କାର୍ଯ୍ୟଧାରା ଆଗାମୀ ଦିନରେ ବି ଜାରି ରଖିବାକୁ ଅତିଥିମାନେ ବିଜୁ ଛାତ୍ରଜନା ଦଳର କର୍ମକର୍ତାଙ୍କୁ ପରାମର୍ଶ ଦେଇଥିଲେ । ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସିମନ ଦାସମହାପାତ୍ର ଓ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ପୌରପାଳ ଆଲୋକ ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଯୁବ ସଂଗଠକ ଅସିତ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ନରେନ୍ଦ୍ର ବିହାରୀ ଦାସ, ଶତ୍ରୁଘ୍ନ ମଲ୍ଲିକ, ଶାନ୍ତନୁ ଦାସ, ପିଂଟୁ ଆଚାର୍ଯ୍ୟ, ଆଇନଜୀବୀ ଭୂବନାନନ୍ଦ ଦାସ, କାଉନସିଲର ମୀନା ମହାନ୍ତି, ବିଜୁ ମହିଳା ଜନତା ଦଳ ଜିଲା ସମ୍ପାଦିକା ମିନତୀ ସେଠୀ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo